ସାପ୍ତାହିକ ସ୍ୱୀକାର
Postal Regd. No.: SBP/14/2019-2021
The Sweekar ସ୍ୱୀକାର
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.25 | Issue - 23 | 04 - 10 July 2021 | Sambalpur | Page-12 | Invitation Price Rs.10

## କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ କୁଭେମ୍ପୁ ରାଷ୍ଟ୍ରୀୟ ପୁରସ୍କାର

କଟକ : ପ୍ରଖ୍ୟାତ କବି ରାଜେନ୍ଦ୍ର କିଶୋର ପଣ୍ଡା ମର୍ଯ୍ୟାଦାଜନକ କୁଭେମ୍ପୁ ରାଷ୍ଟ୍ରୀୟ ପୁରସ୍କାର ୨୦୨୦ ପାଇବେ । ପ୍ରଫେସର ହମ୍ପା ନାଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଶିଷ୍ଟ କନ୍ନଡ କବି ଡକ୍ଟର ଏଚଏସ ଶିବ ପ୍ରକାଶ, କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ଆଗ୍ରହରା କ୍ରିଷ୍ଣମୂର୍ତ୍ତି, ବିଶିଷ୍ଟ ବଙ୍ଗଳା କବି ଶ୍ୟାମଲାଲ ଭଟ୍ଟାଚାର୍ଯ୍ୟଙ୍କୁ ନେଇ ଗଠିତ କମିଟି କବି ପଣ୍ଡାଙ୍କୁ ଏହି ପୁରସ୍କାର ପ୍ରଦାନ କରିବା ପାଇଁ ମନୋନୀତ କରିଛନ୍ତି ।

୧୯୯୨ ମସିହାରୁ ପ୍ରତିଷ୍ଠିତ ଏହି ପ୍ରତିଷ୍ଠାନ ପକ୍ଷରୁ ୨୦୧୩ ମସିହାରୁ ଜାତୀୟ ସ୍ତରର ଜଣେ ବିଶିଷ୍ଟ କବିଙ୍କୁ ସାହିତ୍ୟ ସାଧନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିବର୍ଷ ପୁରସ୍କାର ପ୍ରଦାନ କରାଯାଇ ଆସୁଛି । କବି କୁଭେମ୍ପୁଙ୍କ ଜନ୍ମସ୍ଥାନ କୁପ୍ପାଲିଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ କବି ପଣ୍ଡାଙ୍କୁ ପୁରସ୍କାର ସ୍ୱରୂପ ନଗଦ ପାଞ୍ଚ ଲକ୍ଷ ଟଙ୍କା ସମେତ ରୌପ୍ୟଫଳକ ଓ ପ୍ରଶସ୍ତି ପତ୍ର ପ୍ରଦାନ କରାଯିବ । ୧୯୪୪ ମସିହାରେ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ହୀରାକୁଦ ନଦୀବନ୍ଧରେ ବୁଡିଯାଇଥିବା ବଡଲଗା ଗ୍ରାମରେ କବି ରାଜେନ୍ଦ୍ରଙ୍କ ଜନ୍ମ । ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ପରେ କବି ପଣ୍ଡା ଜଣେ ମାର୍ଗଦର୍ଶକ କବି । ଭାବବସ୍ତୁ, ଭାଷା ଓ ଶୈଳୀ ଦୃଷ୍ଟିରୁ ସମକାଳର କବିମାନଙ୍କ ମଧ୍ୟରେ ସେ ଅନନ୍ୟ । ଆଧୁନିକ ଭାରତୀୟ ଭାଷା ସାହିତ୍ୟ ବିଶେଷକରି କବିତାକୁ ସମୃଦ୍ଧ କରିବାରେ ତାଙ୍କର ସ୍ୱକୀୟ ଅବଦାନ ରହିଛି । 'ଶୈଳକଳ୍ପ', 'ଅନ୍ୟା', ଚୌକାଠରେ 'ଚିରକାଳ' ଆଦି ଶୀର୍ଷକରେ ତାଙ୍କର ୧୬ଟି କବିତା ପୁସ୍ତକ ପ୍ରକାଶ ପାଇଛି । 'ଚିଦାଭାଷ' ଶୀର୍ଷକରେ ଆତ୍ମଜୀବନୀ ମୂଳକ ନିଆରା ଉପନ୍ୟାସ ପୁସ୍ତକ ରହିଛି । ତାଙ୍କର କବିତା ସମଗ୍ର 'ସାଦାପୃଷ୍ଠା' ଦୁଇଟି ଭାଗରେ ପ୍ରକାଶ ପାଇଛି । ପୂର୍ବରୁ କବି ପଣ୍ଡା ପଦ୍ମଚରଣ ପଟ୍ଟନାୟକ କବିତା ପୁରସ୍କାର, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଭାରତୀୟ ଭାଷା ପରିଷଦ ପୁରସ୍କାର, ସିନିୟର ଫେଲୋସିପ୍, ଶାରଳା ପୁରସ୍କାର, ବିଷୁବ ପୁରସ୍କାର, ସାହିତ୍ୟ ଭାରତୀ ସମ୍ମାନ, ସମ୍ମାନସୂଚକ ଡିଲିଟ୍ ଓ କାଦମ୍ବିନୀ ସାରସ୍ୱତ ସମ୍ମାନ ଆଦି ବହୁ ପୁରସ୍କାର ଲାଭ କରିଛନ୍ତି ।



## ନ୍ୟାସନାଲ ଜିଓଗ୍ରାଫିରେ ନବୀନଙ୍କୁ ପ୍ରଶଂସା

ଭୁବନେଶ୍ୱର: ଅନ୍ତର୍ଜାତୀୟ ଚ୍ୟାନେଲ ନ୍ୟାସନାଲ ଜିଓଗ୍ରାଫିରେ ନବୀନଙ୍କୁ ପ୍ରଶଂସା କରାଯାଇଛି । ସଂକ୍ରମଣ ସଙ୍କଟରେ ସାରା ଦେଶକୁ ସଞ୍ଜୀବନୀ ବାଣ୍ଟି ସଙ୍କଟମୋଚକ ସାଜିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । କରୋନା ଦ୍ୱିତୀୟ ଲହରରେ ବିଭିନ୍ନ ରାଜ୍ୟରେ ଅକ୍ସିଜେନ ସଙ୍କଟ ଦେଖା ଦେଇଥିବା ବେଳେ ଓଡ଼ିଶା ସରକାର ଅକ୍ସିଜେନ୍ ବାଣ୍ଟି ବହୁ ମୂଲ୍ୟବାନ ଜୀବନ ବଞ୍ଚାଇଛନ୍ତି । ଗତ ଦୁଇ ମାସ ମଧ୍ୟରେ ୧୭ ରାଜ୍ୟକୁ ୩୧ ହଜାର ୨୫୫ ମେଟ୍ରିକ୍ ଟନ୍ ଅକ୍ସିଜେନ ଯୋଗାଇ ଦିଆଯାଇଛି । ଯେଉଁଥିପାଇଁ ଅନ୍ତର୍ଜାତୀୟ ଚ୍ୟାନେଲରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରାଯାଇଛି । ବାତ୍ୟା 'ୟାସ୍' ସମୟରେ ମଧ୍ୟ ଅକ୍ସିଜେନ୍ ଯୋଗାଣ ଅବ୍ୟାହତ ରହିଥିଲା । ଓଡ଼ିଶା ବାତ୍ୟା ସହ ଲଢୁଥିବା ବେଳେ ଭୁଲି ନ ଥିଲା ମାନବିକତା । କରୋନା ଯୁଦ୍ଧ କେବଳ ରାଜ୍ୟ ଭିତରେ ସୀମିତ ନ ଥିଲା । ସାରା ଦେଶକୁ ଅକ୍ସିଜେନ ଯୋଗାଇ ରାଷ୍ଟ୍ରନାୟକ ସାଜିଛନ୍ତି ନବୀନ । ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପକୁ ଅନ୍ତର୍ଜାତୀୟ ଚ୍ୟାନେଲ ନ୍ୟାସନାଲ ଜିଓଗ୍ରାଫି ପ୍ରଶଂସା କରିବା ସହ ଏହାର ଡକ୍ୟୁମେଣ୍ଟସନ୍ କରିଛି ।



## ବଂଶୀଧର ମାଝୀ 'ଭିସୁଟ୍'ର କୁଳପତି ନିଯୁକ୍ତ

ବୁର୍ଲା : ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ବଂଶୀଧର ମାଝୀ ନିଯୁକ୍ତ ହୋଇଛନ୍ତି । ସେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଏହି ନିଯୁକ୍ତି ପାଇଛନ୍ତି । ୩ ବର୍ଷ ପାଇଁ ତାଙ୍କୁ ଏହି ନିଯୁକ୍ତି ମିଳିଥିବା ବେଳେ ସେ ବର୍ତ୍ତମାନ ଚେନ୍ନାଇ କାଞ୍ଚିପୁରମ ସ୍ଥିତ ଆଇଆଇଆଇଟିଡିଏମରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି । ସୂଚନାଯୋଗ୍ୟ, ପ୍ରଫେସର ମାଝୀ ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ନୂଆଗାଁର ମୂଳନିବାସୀ । ସେ ଧମା ଏମପି ହାଇସ୍କୁଲରେ ପାଠ ପଢ଼ିଥିଲେ । ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଥିଲେ । ପରେ ଗଙ୍ଗାଧରମେହେରକଲେଜରେ ଆଇଏସସି ଓ ବିଏସସିରେ ଡିଷ୍ଟିଙ୍ଗସନରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହାପରେ ରାଉରକେଲା ଆରଇସିରୁ ଏମଟେକ, ଏମସିଏ ଓ ଡକ୍ଟରେଟ ଡିଗ୍ରୀ ହାସଲ କରିଥିଲେ । ରାଉରକେଲା ଆରଇସିରେ ଅଧ୍ୟୟନ ସମୟରେ ସେ ଏମଟେକରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ୱର୍ଣ୍ଣପଦକ ହାସଲ କରିଥିଲେ । ତାଙ୍କ ୩୦ ବର୍ଷର ଗବେଷଣାରେ ଶୈକ୍ଷିକ ଓ ୩ ବର୍ଷର ଶିଳ୍ପ କ୍ଷେତ୍ରରେ ଅଭିଜ୍ଞତା ରହିଛି । ଇମେଜ ପ୍ରୋସେସିଂ, କମ୍ପ୍ୟୁଟର ଭିଜନ, ଡାଟା କମ୍ପ୍ରେସନ, ସିକ୍ୟୁରିଟି ପ୍ରଟୋକଲ, ପରାଲାଲ କମ୍ପ୍ୟୁଟିଂ, ବାଓମେଟ୍ରିକସ ଓ ସଫ୍ଟ କମ୍ପ୍ୟୁଟିଂ କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି । ସେ ୧୮ ଟି ପିଏଚଡି, ୭୦ ଟି ଏମଟେକ ଓ ୮ଟି ଏମଟେକ ଗବେଷଣା ପ୍ରକଳ୍ପକୁ ମାର୍ଗଦର୍ଶନ କରିଛନ୍ତି । ଏନବିଏ ଏନଏଏସିର ବିଭିନ୍ନ କମିଟିର ସଦସ୍ୟ ବିଭାଗୀୟ ମୁଖ୍ୟ, ଡିନ୍, ଅଟୋମେସନ ସେଲ ପ୍ରଭୃତିର ଅଧ୍ୟକ୍ଷ ଭଳି ପ୍ରଶାସନିକ ସଦସ୍ୟରେ କାର୍ଯ୍ୟ କରିଛନ୍ତି । ତାଙ୍କର ଅନେକ ନିବନ୍ଧ ଦେଶ ବିଦେଶର ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି । ସାଉଦି ଆରବର କିଙ୍ଗ ଖଲିଦ ବିଶ୍ୱବିଦ୍ୟାଳୟ ଜୋର୍ଡାନ ବିଶ୍ୱବିଦ୍ୟାଳୟ ଭଳି ଉଚ୍ଚତର ଶିକ୍ଷାୟତନରେ ସେ ଅତିଥି ପ୍ରଫେସର ଭାବରେ ଯୋଗ ଦେବା ସହିତ ହଂକଂ, କାଇରୋ, କ୍ୱାଲାଲାମପୁର, ଇଟାଲିର ଭେନିସ ଏବଂ ଆମ ଦେଶରେ ହୋଇଥିବା ବିଭିନ୍ନ ସମ୍ମିଳନୀ ଗୁଡିକରେ ଗବେଷଣା ନିବନ୍ଧ ଉପସ୍ଥାପିତ କରିଛନ୍ତି । ଶ୍ରେଷ୍ଠ ନିବନ୍ଧ ପାଇଁ ସେ ଆଇଏଇଏଇ ଦ୍ୱାରା ୪ ଥର ପୁରସ୍କୃତ ହୋଇଛନ୍ତି । ଶିକ୍ଷା ଓ ଗବେଷଣା ପାଇଁ ତାଙ୍କୁ ସାମନ୍ତ ଚନ୍ଦ୍ରଶେଖର ସମ୍ମାନ, ଅନ୍ତର୍ଜାତୀୟ ବିଦ୍ୟାସାଗର ପୁରସ୍କାର, ଜେସି ବୋଷ ଏବଂ ଓଡ଼ିଶା ଇଞ୍ଜିନିୟରିଂ କଂଗ୍ରେସ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି ।




## ବରଗଡ଼ରେ ନୂଆ ଜିଲ୍ଲାପାଳ

ବରଗଡ଼: ବରଗଡ଼ ଜିଲ୍ଲାର ୨୯ ତମ ଜିଲ୍ଲାପାଳ ରୂପେ ମୋନିଷା ବାନାର୍ଜୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ବରଗଡ଼ ଜିଲ୍ଲାର ଚତୁର୍ଥ ମହିଳା ଜିଲ୍ଲାପାଳ ଅଟନ୍ତି । ୨୦୧୩ ବ୍ୟାଚର ଆଇଏଏସ ଅଧିକାରୀ ଶ୍ରୀମତୀ ବାନାର୍ଜୀ ଏହା ପୂର୍ବରୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଭାବରେ କାର୍ଯ୍ୟରତ ଥିଲେ । ତାହା ପୂର୍ବରୁ ସେ ଧର୍ମଗଡ଼ ଉପ ଜିଲ୍ଲାପାଳ, ଗୃହ ବିଭାଗର ଉପସଚିବ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ତୁଲାଇ ସାରିଛନ୍ତି ।



## ଦର୍ଲିପାଲି ଥର୍ମାଲ ପ୍ଲାଣ୍ଟର ନୂତନ ମୁଖ୍ୟ

ସୁନ୍ଦରଗଡ଼ : ଏନ.ଟି.ପି.ସି. ଦର୍ଲିପାଲି ସୁପର ଥର୍ମାଲ ପ୍ଲାଣ୍ଟର ମୁଖ୍ୟ ଭାବେ ଅଭୟ କୁମାର ସମୟାର ଯୋଗ ଦେଇଛନ୍ତି । ପୂର୍ବରୁ ଏହି ପଦବୀରେ ଥିବା ସୁନୀଲ କୁମାର ସତ୍ୟ ପୂର୍ବାଞ୍ଚଳ (୨)ର ରିଜିଓନାଲ ଏକଜିକ୍ୟୁଟିଭ୍ ଡାଇରେକ୍ଟର ରୂପେ ପଦୋନ୍ନତି ପାଇ ଭୁବନେଶ୍ୱରକୁ ବଦଳି ହୋଇଛନ୍ତି । ଶ୍ରୀ ସୋମୟାର ଏନଟିପିସିର ରାମଗୁଣ୍ଡମ ଥର୍ମାଲ ପାୱାର ପ୍ଲାଣ୍ଟରେ ମହାପ୍ରବନ୍ଧକ ଥିଲେ ।



## କେ.ଆର. ବାସୁଦେବନ ସିସିଏଲର ବିତ୍ତ ନିର୍ଦ୍ଦେଶକ

ବୁର୍ଲା : ଏମସିଏଲର ବିତ୍ତ ନିର୍ଦ୍ଦେଶକ ଶ୍ରୀ କେ.ଆର. ବାସୁଦେବନ ତାଙ୍କ ଦାୟିତ୍ୱ ସହ ସେଣ୍ଟ୍ରାଲ କୋଲଫିଲ୍ଡ ଲିମିଟେଡର ବିତ୍ତ ନିର୍ଦ୍ଦେଶକର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି । ଗତ ତିନି ଦଶନ୍ଧି ଧରି ଆର୍ଥିକ ପରିଚାଳନା କ୍ଷେତ୍ରରେ ଶ୍ରୀ ବାସୁଦେବନଙ୍କର ଅଭିଜ୍ଞତା ରହିଛି । ଜଣେ ଦକ୍ଷ ତଥା ସଚ୍ଚୋଟ ଅଧିକାରୀ ରୂପେ ଶ୍ରୀ ବାସୁଦେବନଙ୍କର ଖ୍ୟାତି ରହିଛି ।



## ଶ୍ରୀମତୀ ଅବାଲୀ ସୁନିଲ ନରୱ୍ୱଣେଙ୍କ ସୁବର୍ଣ୍ଣପୁର ଜିଲ୍ଲାପାଳ ଭାବେ ଯୋଗଦାନ

ସୁବର୍ଣ୍ଣପୁର: ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ରୀମତୀ ଅବାଲୀ ସୁନିଲ ନରୱ୍ୱଣେ ସୁବର୍ଣ୍ଣପୁର ଜିଲ୍ଲାପାଳ ଭାବେ ଯୋଗ ଦେଇଛନ୍ତି । ଶ୍ରୀମତୀ ନରୱ୍ୱଣେ ଏହା ପୂର୍ବରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଭାବେ ସଫଳତାର ସହ କାର୍ଯ୍ୟ କରି ଜନସାଧାରଣଙ୍କ ଆସ୍ଥା ଭାଜନ ହେବାସହ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟକ୍ରମକୁ ସୁନିଶ୍ଚିତ କରାଇବା ସହିତ ପ୍ରଶାସନକୁ ସୁବ୍ୟବସ୍ଥିତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । କାର୍ଯ୍ୟରେ ଯୋଗଦାନ ପରେ ପରେ ଜିଲ୍ଲାପାଳ ଶ୍ରୀମତୀ ନରୱ୍ୱଣେ ଆଇ ଟି ଆଇ ପରିସରସ୍ଥିତ ଜିଲ୍ଲା କୋଭିଡ ଚିକିତ୍ସାଳୟ, ମାତୃଶିଶୁ ଚିକିତ୍ସାଳୟ,ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରି ଜିଲ୍ଲାର ସ୍ୱାସ୍ଥ୍ୟ ଭିତିଭୂମିର ଅନୁଧ୍ୟାନ କରିଥିଲେ । ଏହି ଗସ୍ତ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କ ଯୋଗଦାନ ପରେ ଆରକ୍ଷୀ ଅଧୀକ୍ଷକ ସୀତାରାମ ଶତପଥୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟ ନାରାୟଣ ଦାଶ, ଉପଜିଲ୍ଲାପାଳ ନିହାର ରଞ୍ଜନ କହଁର, ଜିଲ୍ଲା ସ୍ତରୀୟ ବରିଷ୍ଠ ଅଧିକାରୀ ବୃନ୍ଦ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ବୁଦ୍ଧିଜୀବି, ସାମ୍ବାଦିକ ପ୍ରମୁଖ ନୂତନ ଜିଲ୍ଲାପାଳ ଶ୍ରୀମତୀ ନରଣେଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିବା ସହ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ ।



## ଡାକ୍ତର ନାରାୟଣୀ ପଣ୍ଡା ସମ୍ମାନିତ

ସମ୍ବଲପୁର : ବିଶିଷ୍ଟ ଡାକ୍ତର ନାରାୟଣୀ ପଣ୍ଡାଙ୍କୁ ବିଶ୍ୱ ଡାକ୍ତର ଦିବସ ଅବସରରେ ରୋଟାରୀ କ୍ଲବ ପକ୍ଷରୁ ସମ୍ମାନିତ କରାଯାଇଛି । ଡାକ୍ତର ପଣ୍ଡା ୮୪ ବର୍ଷ ବୟସରେ ମଧ୍ୟ ରୋଗୀ ଓ ଦୁଃଖୀ ଦରିଦ୍ରମାନଙ୍କର ସେବା କରି ଆସୁଛନ୍ତି ।




## ଏ ସଂଖ୍ୟାରେ..


ଦିବ୍ୟ ଦ୍ରବ୍ୟ ଅଁଳା


ସ୍ୱାସ୍ଥ୍ୟ ପାଇଁ ଭଲ ଅଖରୋଟ୍


ଶ୍ୱାସ ରୋଗ ଦୂର କରେ ଭେଣ୍ଡି ଜୁସ୍


ବହୁରୋଗର ମହୌଷଧ ଜାମୁକୋଳି


ବାଇଗଣର ଉପକାରିତା

# ଭିଏସଏସୟୁଟିର ୬୬ତମ ପ୍ରତିଷ୍ଠା ଦିବସ ପାଳିତ

ବୁର୍ଲା : ଓଡ଼ିଶାର ପ୍ରଥମ ଯାନ୍ତ୍ରିକ ମହାବିଦ୍ୟାଳୟ ଯୁସିଇରୁ ଏକମାତ୍ର ଏକକ ବୈଷୟିକ ବିଶ୍ୱବିଦ୍ୟାଳୟ ହେବା ଭିତରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ଅନେକ ଉନ୍ନତି କରିଛି । କଳେବର, ଭିତ୍ତିଭୂମି, ପାଠପଢ଼ା, ଗବେଷଣା ଆଦି ସବୁ କ୍ଷେତ୍ରରେ ଏହି ଅନୁଷ୍ଠାନ ବିସ୍ତାରିତ ହେବା ସହ ସୁନାମ ଅର୍ଜନ କରିଛି । ତେବେ ଏହାକୁ ଦେଶର ଅନ୍ୟ ଅଗ୍ରଣୀ ବୈଷୟିକ ଅନୁଷ୍ଠାନ ସହ ତାଳ ଦେବା ପାଇଁ ଅଧିକ ଆର୍ଥିକ ଅନୁଦାନର ଆବଶ୍ୟକତା ରହିଛି । ବର୍ତ୍ତମାନ ଭିସୁଟକୁ ଯେତିକି ବାର୍ଷିକ ଅନୁଦାନ ମିଳୁଛି ସେଥିରେ ଏହାର ବିକାଶ ସମ୍ଭବ ନୁହେଁ ବୋଲି ୬୬ ତମ ପ୍ରତିଷ୍ଠା ଦିବସ ଅବସରରେ ବକ୍ତାମାନେ ଭର୍ଚୁଆଲ ମୋଡରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । କୁଳପତି ପ୍ରଫେସର ବିଭୂତି ଭୂଷଣ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିପିୟୁଟିର କୁଳପତି ପ୍ରଫେସର ଚିତ୍ତରଂଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଏହି ଅନୁଷ୍ଠାନ ଶିକ୍ଷାଦାନରେ ଅତୁଳନୀୟ, କିନ୍ତୁ ଗବେଷଣା କ୍ଷେତ୍ରରେ ଆହୁରି ଅନେକ ବାଟ ଯିବାର ଅଛି । କଲେଜ୍ ଥିବାବେଳେ ଏହାର ମଞ୍ଜୁରିପ୍ରାପ୍ତ ଅଧାପକ ସଂଖ୍ୟା ୧୦୦ରୁ କମ୍ ଥିଲା । ବିଶ୍ୱବିଦ୍ୟାଳୟ ହେବା ପରେ ଏବେ ୩୦୦ରୁ ଅଧିକ ହୋଇଛି । ସେହି ଅନୁପାତରେ ବିଦ୍ୟାର୍ଥୀ ଓ ପାଠ୍ୟକ୍ରମ ସଂଖ୍ୟା ବି ବଢ଼ିଛି । ପୂର୍ବରୁ ହାତଗଣତି ଗବେଷଣା ହେଉଥିଲା ବେଳେ ଏବେ ୩୦୦ ରୁ ଅଧିକ ବିଦ୍ୟାର୍ଥୀ ଗବେଷଣା କରୁଛନ୍ତି । ଏହି ଗବେଷଣା କାର୍ଯ୍ୟ ପାଇଁ ଯଥେଷ୍ଟ ଅର୍ଥର ଆବଶ୍ୟକତା ରହିଛି । ତେଣୁ ସରକାର ଏ ଦିଗରେ ଧ୍ୟାନ ଦେବା ଦରକାର ବୋଲି ପ୍ରଫେସର ତ୍ରିପାଠୀ କହିଥିଲେ । ସେ ମଧ ଭଲ ପ୍ରଦର୍ଶନ କରୁଥିବା ବିଦ୍ୟାର୍ଥୀ, ଅଧାପକ, କର୍ମଚାରୀମାନଙ୍କୁ ପୁରସ୍କୃତ କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ ଏନଆଇଟି ରାଉରକେଲାର କୁଳସଚିବ ପ୍ରଫେସର ପି.କେ ଦାଶ କହିଲେ, ଏନଆଇଟି ରାଉରକେଲାରେ ଯେତିକି ଅଧାପକ ଅଛନ୍ତି ଓ ଯେତେ ଅବସର ନେଇଛନ୍ତି, ଭିସୁଟରେ ବି କାର୍ଯ୍ୟରତ ଓ ଅବସରପ୍ରାପ୍ତ ଅଧାପକଙ୍କ ସଂଖ୍ୟା ପ୍ରାୟ ସେତିକି । ଭିସୁଟକୁ ଯେତିକି ଅନୁଦାନ ଆସୁଛି ସେତିକି ପ୍ରାୟ ଦରମା ଓ ପେନସନରେ ବ୍ୟୟ ହୋଇ ଯାଉଥିବ । ଅପରପକ୍ଷରେ ଏନଆଇଟିକୁ ଏହାର ତିନି ଗୁଣରୁ ଅଧିକ ଅନୁଦାନ ଆସୁଛି । ତେଣୁ ଭିସୁଟର ବିକାଶ ପାଇଁ ଅଧିକ ଆର୍ଥିକ ଅନୁଦାନ ଜରୁରୀ । ଭିସୁଟ୍ ବୋର୍ଡ ସଦସ୍ୟ ଇଂ.ବିମଳ କିଶୋର ମିଶ୍ର ବୁର୍ଲା ଇଞ୍ଜିନିୟରିଂ କଲେଜରେ ନିଜ ଛାତ୍ର ଜୀବନର କଥା ମନେ ପକାଇଥିଲେ । ରସାୟନ ବିଜ୍ଞାନର ପ୍ରଫେସର ଆର.ବି ପଣ୍ଡା ମେକାନିକାଲ ଇଞ୍ଜିନିୟରିଂ ପ୍ରଫେସର ବି.ବି. ପାଣି ଯୁସିଇର ପୂର୍ବତନ ଅଧକ୍ଷ ପ୍ରଫେସର ଏସ୍.କେ ସାନ୍ୟାଲ୍ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପୁରାତନ ଛାତ୍ର ଇଞ୍ଜିନିୟର ତରୁଣ ବଲ୍ଲଭ ମିଶ୍ର, ପ୍ରଫେସର ଅମର ନାଏକ, ପ୍ରଫେସର ପି.ସି. ସ୍ୱାଇଁ, ପ୍ରଫେସର ଏସ୍.କେ. ସ୍ୱାଇଁ ପ୍ରମୁଖ ଭିସୁଟର ବିକାଶ ପାଇଁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ମେକାନିକାଲ ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଦେବସ୍ମିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଆସୋସିଏଟ୍ ପ୍ରଫେସର ଡକ୍ଟର ସରୋଜ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ ।

# ନିମୋକୋକାଲ କଞ୍ଜୁଗେଟ ଭ୍ୟାକସିନ୍ ଦିଆଗଲା

ସୁବର୍ଣ୍ଣପୁର : ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମରେ ଶିଶୁମାନଙ୍କ ପାଇଁ ନିମୋକୋକାଲ କଞ୍ଜୁଗେଟ ଭ୍ୟାକସିନ ସାମିଲ ହୋଇଛି । ରାଜ୍ୟସ୍ତରୀୟ ଉଦଘାଟନ ପରେ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଟିକାକରଣ କେନ୍ଦ୍ରଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲ୍ଲୀପ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ପିସିଭି ଟିକାକରଣ ଶୁଭାରମ୍ଭ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନବ କିଶୋର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଉଦଘାଟନୀ ଉତ୍ସବରେ ଡାକ୍ତର ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ଡାକ୍ତର ପ୍ଲହାଂସା ଡୋର, ଡାକ୍ତର ଦିଲ୍ଲୀପ କୁମାର ପୁରୋହିତ, ଡାକ୍ତର ପ୍ରକାଶ ଦଣ୍ଡସେନା ଉପସ୍ଥିତ ଥିଲେ । ମହିଳା ସ୍ୱାସ୍ଥ୍ୟ କର୍ମୀ ଆହ୍ଲାଦିନି ଦେହୁରୀ, ଲକ୍ଷ୍ମୀ ସାହୁ, ଗୀତା କର୍ମୀ ଟିକାକରଣ ଦାୟିତ୍ୱ ତୁଲେଇଥିଲେ । ସର୍ବଶ୍ରୀ ସୁଧାଂଶୁ କୁମାର ନାୟକ, ସନ୍ତୋଷ କୁମାର ସାହୁ, ପ୍ରଦୀପ କୁମାର ସାହୁ, ସଞ୍ଜୟ କୁମା ରପଣ୍ଡା, ସରୋଜ ପଣ୍ଡା, ହିତେଶ ତ୍ରିପାଠୀ, ପ୍ରମୋଦ ସାହୁ, ଯୋଗସ୍ମିତା ଜେନା, କ୍ଷୀରୋଦ ବିହାରୀ ବିଶ୍ୱାଳ ଓ ଅକ୍ଷୁର କୁମାର ହୋତା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ପ୍ରକାଶଥାଉ କି ଶିଶୁମାନଙ୍କ ଟିକାକରଣ ସୂଚୀରେ ଆଗରୁ ଏଗାର ଗୋଟି ଟିକା ଥିବା ବେଳେ ଏବେ ପିସିଭି ସାମିଲ ହେବା ଫଳରେ ଏହା ଏବେ ଶିଶୁମାନଙ୍କୁ ବାର ଗୋଟି ରୋଗରୁ ସୁରକ୍ଷା ଦେବ । ଶିଶୁମାନଙ୍କୁ ପିସିଭି ଭ୍ୟାକସିନର ପ୍ରଥମ ମାତ୍ରା ଦେଢ଼ ମାସରେ ଦ୍ୱିତୀୟ ମାତ୍ରା ସାଢ଼େ ତିନିମାସରେ ଓ ବୁଷ୍ଟର ମାତ୍ରା ନଅରୁ ବାର ମାସ ମଧ୍ୟରେ ଦିଆଯିବ । ଯାହାକି ଶିଶୁକୁ ନିମୋକୋକାଲ ନିମୋନିଆ ଓ ମସ୍ତିଷ୍କ ସଂକ୍ରମଣରୁ ରକ୍ଷା କରିବ । ତେବେ ଜିଲ୍ଲାର ମୁଖ୍ୟାଳୟ ତଥା ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ଏହି ଟିକାର ଶୁଭାରମ୍ଭ ହୋଇଛି । ଏହି ଅବସରରେ ପିସିସି ସୋନପୁର ସ୍ଥିତ ଟିକାକରଣ କେନ୍ଦ୍ରରେ ବ୍ୟାପକ ଜନ ସଚେତନତା କରାଯାଇଥିଲା । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୁବର୍ଣ୍ଣପୁରଙ୍କ ଦ୍ୱାରା ଶିଶୁ ମାନଙ୍କୁ ନିର୍ଦ୍ଧାରିତ ସମୟ ସୀମା ଭିତରେ ପିସିଭିର ସମସ୍ତ ମାତ୍ରା ନିକଟସ୍ଥ ଟିକାକରଣ କେନ୍ଦ୍ରକୁ ନେଇ ଦିଅନ୍ତୁ । ଏଥି ସକାଶେ ସମ୍ପୃକ୍ତ ସ୍ୱାସ୍ଥ୍ୟ କର୍ମୀ ଆଶା କର୍ମୀ କିମ୍ବା ଅଙ୍ଗନବାଡି କର୍ମୀଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

# ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା : ବ୍ଲକ ଓ ପଞ୍ଚାୟତ ସ୍ତରୀୟ ନିର୍ବାଚିତ ଜନପ୍ରତିନିଧିଙ୍କ ସହ ଆଲୋଚନା କରି ବିଭାଗୀୟ ଅଧିକାରୀମାନେ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ବିଧାୟକ କିଶୋର ମହାନ୍ତି ପରାମର୍ଶ ଦେଇଛନ୍ତି । ଝାରସୁଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ଶ୍ରୀ ମହାନ୍ତି ଯୋଗ ଦେଇ ଅଧିକାରୀମାନଙ୍କୁ ଏହି ପରାମର୍ଶ ଦେବା ସହ ବିଧାୟକ ପାଣ୍ଠି, ଜିଲ୍ଲା ଖଣିଜ ପାଣ୍ଠି ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନରେ କାର୍ଯ୍ୟ ହେଉଥିବା ପ୍ରକଳ୍ପ ଗୁଡିକ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ବ୍ଲକ ଅଧକ୍ଷ ଦିଗାମ୍ବର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ଝାରସୁଗୁଡ଼ା ବିଡିଓ ପ୍ରସନ୍ନ ପାଣ୍ଡେ ସର୍ବ ପ୍ରଥମେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସ୍ୱର୍ଗତ ଧ୍ରୁବରାଜ ନାଏକଙ୍କ ବିୟୋଗରେ ଏକ ଶୋକ ପ୍ରସ୍ତାବ ଆଗତ କରିବା ପରେ ବିଡିଓ ପୂର୍ବ ପାଠର ବିବରଣୀ ପ୍ରଦାନ କରିଥିଲେ । କରୋନା ମହାମାରୀର ଦ୍ୱିତୀୟ ଲହରରେ ଲୋକଙ୍କ ସୁରକ୍ଷା ନିମନ୍ତେ ଜନ ସଚେତନତା ମୂଳକ ପଦକ୍ଷେପ ନେବା ପାଇଁ ବୈଠକରେ ଆଲୋଚନା ହେବା ସହ ମନରେଗା ଯୋଜନାରେ ହେଉଥିବା ବିଭିନ୍ନ ସମସ୍ୟା, ବିଭିନ୍ନ ପ୍ରକଳ୍ପ ଆଦିର ସମୀକ୍ଷା ହୋଇଥିଲା । ରାଜପୁର, ଚାନ୍ଦନୀମାଲ, ଗୌଡମାଲ, ଲୋଇସିଂହ, କୁଦୋପାଲି ଆଦି ପଞ୍ଚାୟତ ଗୁଡିକରେ ପାନୀୟ ଜଳ ସମସ୍ୟା କେମିତି ଶୀଘ୍ର ଦୂର ହେବ ସେ ନେଇ ବିଧାୟକ ଅଧିକାରୀଙ୍କୁ ତାଗିଦ୍ କରିଥିଲେ । ଚଳିତ ବର୍ଷ ଖରିଫ ଋତୁରେ ଚାଷ ପାଇଁ ବିହନ, ସାର ଓ ଔଷଧ ଆଦି ଚାଷୀମାନେ ଯେମିତି ସୁବିଧାରେ ପାଇ ପାରିବେ ସେ ନେଇ ବିଶେଷ ଧ୍ୟାନ ଦେବା ପାଇଁ କୃଷି ଅଧିକାରୀଙ୍କୁ ତାଗିଦ୍ କରିବା ସହ ବିଧାୟକ ରାଜପୁର ପଞ୍ଚାୟତରେ ଧାନ ସଂଗ୍ରହ ନିମନ୍ତେ ଏକ ନୂତନ ମାର୍କେଟ ୟାର୍ଡ ଖୋଲିବା ପାଇଁ ପ୍ରସ୍ତାବ ଦେଇଥିଲେ । ଉଦ୍ୟାନ ବିଭାଗ ଦ୍ୱାରା ଆସୁଥିବା ସମସ୍ତ ସରକାରୀ ସୁବିଧା ସୁଯୋଗ କେମିତି ସୁବିଧାରେ ଚାଷୀଙ୍କ ନିକଟରେ ପହଞ୍ଚିବ ସେ ନେଇ ବିଶେଷ ଗୁରୁତ୍ୱ ଦେବା ପାଇଁ ବିଧାୟକ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

# ଯୁଗଳେଶ୍ୱରୀ ଦାଶ ଜିଏମୟୁର ନୂଆ କୁଳସଚିବ

ସମ୍ବଲପୁର : ବରିଷ୍ଠ ଓଏଏସ୍ ଅଧିକାରୀ ଯୁଗଳେଶ୍ୱରୀ ଦାଶ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ନୂଆ କୁଳସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଉତ୍ତରାଞ୍ଚଳ ରାଜସ୍ୱ କମିସନରଙ୍କ ଅତିରିକ୍ତ ସଚିବ ଥିଲେ । ସେଠାରୁ ବଦଳି ହୋଇ ସେ ଜିଏମୟୁରେ ଯୋଗ ଦେଇଛନ୍ତି । ଅପର ପକ୍ଷରେ ଜିଏମୟୁ କୁଳସଚିବ ଥିବା ଗିରୀଶଚନ୍ଦ୍ର ସିଂହ ଆରଡିସିଙ୍କ ଅତିରିକ୍ତ ସଚିବ ଭାବେ ବଦଳି ହୋଇଛନ୍ତି । ଶ୍ରୀମତୀ ଦାଶଙ୍କ ଯୋଗଦାନ ଅବସରରେ ସମସ୍ତ ଅଧାପକ ଓ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ । ସେହିପରି ଶ୍ରୀ ସିଂହଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କୁଳପତି ପ୍ରଫେସର ଏନ୍.ନାଗାରାଜୁ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ ।

# ୫୪ ୟୁନିଟ୍ ରକ୍ତ ସଂଗ୍ରହ

ସମ୍ବଲପୁର : ମହାମାରୀ ସମୟରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ରୋଟାରୀ କ୍ଲବ ସମ୍ବଲପୁର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହାକୁ ବୟୋଜ୍ୟେଷ୍ଠ ସଦସ୍ୟା ଡାକ୍ତର ନାରାୟଣୀ ପଣ୍ଡା ଉଦଘାଟନ କରିଥିଲେ । ଏଥିରେ ମୋଟ୍ ୫୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । କ୍ଲବର ସଭାପତି ଇଞ୍ଜିନିୟର ବିକ୍ରମ କେଶରୀ ସେନାପତି, ସମ୍ପାଦକ ଦେବାଶିଷ ରାୟଗୁରୁ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଡାକ୍ତର ଦିବସ ଅବସରରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ଶିବିରରେ ଡାକ୍ତର ନାରାୟଣୀ ପଣ୍ଡା, ଡାକ୍ତର ଅଶୋକ ସିଂହ, ଦୁର୍ଗାଶଙ୍କର ଶତପଥି, ଡାକ୍ତର ଅତନୁ ଠାକୁର ଓ ସିଏ ଶ୍ରୀକାନ୍ତ ମୁଖାର୍ଜୀଙ୍କୁ ସମ୍ମାନିତ କରାଯାଇଥିଲା । ବୁର୍ଲା ଭିମସାର ରକ୍ତ ଭଣ୍ଡାରର ଅଧିକାରୀ ଡାକ୍ତର ଧନଞ୍ଜୟ ରାଠୋର, କାଉନସେଲର ମଣ୍ଟୁ ପ୍ରଧାନ, ସହାୟକ ଦେବାଶିଷ ମିଶ୍ର, ଜମକ ବେହେରା ଓ ପ୍ରହଲ୍ଲାଦ ଭୋଇ ଶିବିର ପରିଚାଳନା କରିଥିଲେ । ଏଥିରେ କ୍ଲବର ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଡକ୍ଟର ପ୍ରମୋଦ କୁମାର ରଥ ଓ ଡାକ୍ତର ଅଶୋକ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ବଲପୁରରେ ପିସିଭିର ଶୁଭାରମ୍ଭ

ସମ୍ବଲପୁର : ଶିଶୁଙ୍କୁ ନିମୋକୋକାଲ ନିମୋନିଆ ଓ ମସ୍ତିଷ୍କ ସଂକ୍ରମଣୁ ସୁରକ୍ଷା ଦେବା ପାଇଁ ରାଜ୍ୟରେ ନିମକୋକାଲ କନଜୁଗେଟ୍ ଭାକ୍ସିନର ଶୁଭାରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ ମଧ ପିସିଭିର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ଶୁଭମ ସକସେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ । ଏହି ଅବସରରେ ସିଡିଏମଓ ଡାକ୍ତର ଶଶିଭୂଷଣ ପଟେଲ, ଏଡିଏମଓ ମେଡିକାଲ ଓ ଅଲେଖ ମହାପାତ୍ର, ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଶୋକ ଦାଶ, ଡିପିଏମ ମୌସୁମୀ ମିଶ୍ର, ଡି,ମଆରସିଏସ ଅଶ୍ୱିନୀ ମହାନନ୍ଦ, ପ୍ରସନ୍ନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଜେପି ମାଟର୍ନିଟି ଠାରେ ଏହି ଟିକା ଦିଆଯାଇଥିଲା । ଦେଢ଼ ବର୍ଷ ବୟସର ଶିଶୁଙ୍କୁଏହି ଟିକା ପ୍ରଦାନ କରାଯାଇଥିଲା । ମୋଟ୍ ଉପରେ ୨୦ ଜଣ ଶିଶୁ ଟିକା ନେଇଥିଲେ । ପ୍ରତ୍ୟେକ ବୁଧବାର ଦେଢ଼ ମାସ ବୟସରୁ ଶିଶୁମାନଙ୍କୁ ଏହି ଟିକା ପ୍ରଦାନ କରାଯିବ । ଶିଶୁଙ୍କୁ ମୋଟ୍ ଉପରେ ୩ ଥର ଟିକା ଦିଆଯିବ । ଦେଢ଼ ମାସ ବୟସରେ ପ୍ରଥମ ଟିକା ସାଢ଼େ ୩ ମାସ ବୟସରେ ଦ୍ୱିତୀୟ ଟିକା ଏବଂ ୯ ମାସରେ ତୃତୀୟ ଟିକା ଦିଆଯିବ । ଏହି ଟିକା ଦ୍ୱାରା ଶିଶୁମାନେ ନିମୋକୋକାଲ ନିମୋନିଆ ଏବଂ ମସ୍ତିଷ୍କ ସଂକ୍ରମଣରୁ ରକ୍ଷା ପାଇବେ ।

## ଭାଗବତ // ଧନୁ-ଯଜ୍ଞସ୍ଥଳୀରେ ରାମ କୃଷ୍ଣ

**ଶ୍ରୀ**କୃଷ୍ଣ ତାଙ୍କର ଗରିବ ଗୋପବାଳକ ମିତ୍ରଙ୍କୁ ବସ୍ତ୍ର ପିନ୍ଧାଇବା ପରେ ନିଜେ ବସ୍ତ୍ର ପିନ୍ଧିଲେ । ଆଜି ତାଙ୍କର ପ୍ରତିଜ୍ଞା ପୂରଣ ହୋଇଛି । ଏହା ପୂର୍ବରୁ କୃଷ୍ଣଚନ୍ଦ୍ର ସିଲାଇ ହୋଇ ନଥିବା ବସ୍ତ୍ର ପରିଧାନ କରିଥିଲେ । ଆଦର୍ଶ ମିତ୍ର ପ୍ରେମ ରାମ ଓ କୃଷ୍ଣ ଜଗତପାଇଁ ଦୃଷ୍ଟାନ୍ତରୂପେ ରଖିଯାଇଛନ୍ତି ।

କିଛି ବାଟ ଯିବା ପରେ ଜଣେ ଦର୍ଜୀ ଶ୍ରୀକୃଷ୍ଣ ବଳରାମଙ୍କ ରୂପ ସୌନ୍ଦର୍ଯ୍ୟ ଦେଖି ବିମୋହିତ ହୋଇଗଲା । ସେ ସେମାନଙ୍କ ପାଖକୁ ଆସିଲା । ନାନା ପ୍ରକାର ରଙ୍ଗ ବେରଙ୍ଗ ବସ୍ତ୍ରରେ ସେମାନଙ୍କର ଶରୀରକୁ ସଜାଇ ଦେଲା । ଶ୍ରୀକୃଷ୍ଣଙ୍କୁ ଏହା ଅତି ଭଲ ଲାଗିଲା । ସେ ତାକୁ ତା'ର ଜୀବନକାଳ ପାଇଁ ପ୍ରଚୁର ଧନସମ୍ପତ୍ତି, ବଳ ଐଶ୍ୱର୍ଯ୍ୟ, ଭଗବତ୍ ସ୍ମୃତି, ଦୃଷ୍ଟିଶକ୍ତି ପ୍ରଦାନ କଲେ ଏବଂ ମୃତ୍ୟୁ ପରେ ସାରୂପ୍ୟ ମୋକ୍ଷ ବି ପ୍ରଦାନ କଲେ । ଭଗବାନଙ୍କୁ ପ୍ରତ୍ୟହ ଏଭଳି ବସ୍ତ୍ରାଭୂଷଣରେ ଶୃଙ୍ଗାର କଲେ ତାଙ୍କୁ ଖୁବ୍ ଭଲ ଲାଗେ ଓ ସେ ଧର୍ମାର୍ଥ କାମ ମୋକ୍ଷ ଚାରିପୁରୁଷାର୍ଥ ପ୍ରଦାନ କରିଥାନ୍ତି ।

ବାଟରେ ସୁଦାମା ମାଳୀ ସହିତ ସେମାନଙ୍କର ଭେଟ ହେଲା । ସୁଦାମା ମାଳୀ ସମସ୍ତଙ୍କୁ ହାର ପିନ୍ଧାଇଲା । ସେ ଗୋପବାଳକଙ୍କୁ ବି ହାର ପିନ୍ଧାଇଲା । ଏହା ସମସ୍ତଙ୍କୁ ଖୁବ୍ ଭଲ ଲାଗିଲା ।

ଶ୍ରୀକୃଷ୍ଣ ତାଙ୍କ ସାଥିଙ୍କ ଗହଣରେ କିଛିବାଟ ଯିବାପରେ କଂସର ଦାସୀ କୁବ୍‌ଜୀ ସହିତ ଭେଟ ହୋଇଗଲା । ତାର ଶରୀରର ତିନୋଟି ସ୍ଥାନ ବିକୃତ ଗଠନର ହୋଇଥିଲା । ସେ ଚନ୍ଦନପାତ୍ର ନେଇ ରାଜାଘରକୁ ଯାଉଥିଲା । ସେ କୃଷ୍ଣଙ୍କୁ ଦେଖି ଆତ୍ମହରା ହୋଇଗଲା । କୁବ୍‌ଜୀ କୃଷ୍ଣଚନ୍ଦ୍ରଙ୍କୁ ଚନ୍ଦନ ଅର୍ପଣ କଲା । କୃଷ୍ଣଚନ୍ଦ୍ର ଖୁବ୍ ଖୁସୀ ହୋଇଗଲେ । କୃଷ୍ଣଚନ୍ଦ୍ର ଭାବିଲେ ଏହି କୁରୂପା କୁବଜୀର ବୁଦ୍ଧି ଅତି ସୁନ୍ଦର । ସେ ମୋତେ ଚନ୍ଦନ ପ୍ରଦାନକରି ମୋର ରୂପ ବର୍ଦ୍ଧନ କରିଛି । ଆଜି ମୁଁ ଅସୁନ୍ଦରୀ କୁବଜୀକୁ ସୁନ୍ଦରୀ କରି ତାର ରୂପବର୍ଦ୍ଧନ କରିବା ଉଚିତ ହେବ । କୃଷ୍ଣଚନ୍ଦ୍ର ଇଚ୍ଛା କଲେ, କୁବଜୀର ସମସ୍ତ ବିକୃତ ଶୋଭା ବଦଳି ଗଲା । ସେ ଦିବ୍ୟ ସୁନ୍ଦରୀ ହୋଇଗଲା ।

ଚନ୍ଦନ ଓ ବନ୍ଦନ ମଣିଷଙ୍କୁ ନମ୍ର କରିଦିଏ ।

ଏହି କୁବଜୀ ପ୍ରସଙ୍ଗରେ ଗୋଟିଏ ରହସ୍ୟ ଅଛି ।

କୃଷ୍ଣଚନ୍ଦ୍ର ସାଥିଙ୍କ ଗହଣରେ ରାଜରାସ୍ତାରେ ଯାଉଥିବା ବେଳେ ଜଣେ ଯୁବତୀ ସ୍ତ୍ରୀକୁ ଦେଖିଲେ । ଯୁବତୀ ଜଣଙ୍କର ମୁହଁଟି ଅତି ସୁନ୍ଦର ଦେଖାଯାଉଥିବା ବେଳେ ତା ଶରୀର ଥିଲା କୁଜା । ତେଣୁ ତାକୁ ସମସ୍ତେ କୁବୁଜୀ ବୋଲି ଡାକୁଥିଲେ । ସେ ଚନ୍ଦନ ଧରି ଯାଉଥିଲା । ପ୍ରେମରସ ପ୍ରଦାନ କରିବାକୁ ଯାଇ ଶ୍ରୀକୃଷ୍ଣ କୁବ୍‌ଜୀକୁ ପଚାରିଲେ- ହେ ସୁନ୍ଦରୀ ! ତୁମେ କିଏ ? ତୁମେ ଯେଉଁ ଚନ୍ଦନ ଧରିଛ ତାହା କାହା ପାଇଁ ନେଇ ଯାଉଛ ? କଲ୍ୟାଣୀ । ସେ ଚନ୍ଦନ ଆମକୁ ଦିଅ, ଆମେ ତାହା ବୋଳିହେବୁ । ଆଉ ତୁମର ପରମ ଉପକାର କରିବୁ ।

ସୈରେନ୍ଧ୍ରୀ କୁବୁଜୀ କହିଲା, ହେ ପରମସୁନ୍ଦର । ମୁଁ ହେଉଛି କଂସର ପ୍ରିୟ ଦାସୀ । ମୋତେ ମହାରାଜ ଖୁବ୍ ମାନନ୍ତି । ମୋ ନାଁ ହେଉଛି ତ୍ରିବକ୍ରା କୁବୁଜୀ । ମୁଁ ମହାରାଜାଙ୍କର ଚନ୍ଦନ ଓ ଅଙ୍ଗରାଗ ଲଗାଏ । ମୁଁ ଯେଉଁ ଚନ୍ଦନ ଓ ଅଙ୍ଗରାଗ ପ୍ରସ୍ତୁତ କରି ନିଏ ତାକୁ ଭୋଜରାଜ କଂସ ଖୁବ୍ ଆଦର କରେ । କିନ୍ତୁ ଆଜି ଆପଣ ଦୁହେଁ ମୋତେ ଅପୂର୍ବ ସୁନ୍ଦର ଲାଗୁଛନ୍ତି । ତେଣୁ ଆଜି ଏହା ଆପଣଙ୍କ ସେବା ନିମନ୍ତେ ହିଁ ବ୍ୟବହାର କରାଯାଉ ।

ଭଗବାନଙ୍କ ସୌନ୍ଦର୍ଯ୍ୟ, ସୁକୁମାରତା, ରସିକତା, ମନ୍ଦହାସ୍ୟ, ପ୍ରେମାଳାପ ଆଉ ହୃଦୟବିଳାସରେ କୁବୁଜୀର ମନ ବିମୋହିତ ହୋଇଯାଉଥିଲା । ସେ କୃଷ୍ଣଚନ୍ଦ୍ରଙ୍କୁ ତାର ସମସ୍ତ ସମର୍ପଣ କରିଦେବା ପାଇଁ ମନ କଲା । ସେ ଦୁଇ ଭାଇଙ୍କ ଶରୀରରେ ସୁଗନ୍ଧିତ ଚନ୍ଦନ ସୁସଜ୍ଞ ଭାବରେ ବିଲେପନ କଲା । ଚନ୍ଦନ ବିଲେପନ ପରେ ଦୁଇଭାଇ ଖୁବ୍ ସୁନ୍ଦର ଦେଖାଗଲେ । କୃଷ୍ଣଚନ୍ଦ୍ର କୁବୁଜୀ ଉପରେ ପ୍ରସନ୍ନ ହୋଇଗଲେ ।

କୁବୁଜୀ ଚରିତ୍ରରେ ସମାଧି ଭାଷାର ଅର୍ଥ ଆମମାନଙ୍କ ପାଇଁ ହିଁ ଲେଖା ହୋଇଛି ।

କାମ, କ୍ରୋଧ ଓ ଲୋଭ ଏହି ତିନୋଟି ଆମ ଭିତରେ ପ୍ରବେଶକରି ଆମ ମନ ବୁଦ୍ଧିକୁ ତିନି ପ୍ରକାର ଭାବରେ କୁବୁଜା କରି ରଖିଥାଏ । ପ୍ରଭୁଙ୍କ ପୂଜା କରିବା ଦ୍ୱାରା କାମ, କ୍ରୋଧ, ଲୋଭ ନାଶ ହୁଏ ଓ ବୁଦ୍ଧି ଶୁଦ୍ଧ ହୁଏ । ବୁଦ୍ଧି ଯଦି କାମରୂପୀ କଂସର ସେବା କରେ ତେବେ ତାହା ବିକୃତ ହୋଇଯାଏ । ବୁଦ୍ଧି ଈଶ୍ୱରଙ୍କ ସମ୍ମୁଖରେ ସରଳ ହୋଇଯାଏ । ଯଦି ତାହା ନ ହୁଏ ତେବେ ପାଞ୍ଚ ବିଷୟ ଶରୀରକୁ ହିନସ୍ତା କରିବାରେ ଲାଗେ ।

କଂସକୁ ଯେଉଁ ବୁଦ୍ଧି ସେବାକରେ ତାହା ବକ୍ର, ଭ୍ରଷ୍ଟ ଓ କୁଟିଳ ହୋଇଯାଏ । ଭଗବାନଙ୍କୁ ସେବା କରିବା ଦ୍ୱାରା ସେହି ବୁଦ୍ଧି ସରଳ ହୋଇଯାଏ । ଯାହାର ବୁଦ୍ଧି ବକ୍ର ହୋଇଥାଏ ତାର ମନ ମଧ ସେହିଭଳି ବକ୍ର, କୁଟିଳ ହୋଇଯାଏ । ଯାହାର ମନ ବିକୃତ ହୋଇଥାଏ ତାର ଦୃଷ୍ଟି ମଧ ବିକୃତ ହୋଇଯାଏ, ଦୂଷିତ ହୋଇଯାଏ । ଯାହାର ଆଖି ଦୂଷିତ ହୋଇଥାଏ ତାର ଜୀବନ ମଧ ଦୂଷିତ ହୋଇଯାଏ ।

ସେତେବେଳେ ମଥୁରାର ବଣିକଗୋଷ୍ଠୀ ଶ୍ରୀକୃଷ୍ଣଙ୍କ ଅଦ୍ଭୁତ କଥା ଶୁଣି ଶୁଣି ବିମୋହିତ ହୋଇ ଯାଇଥିଲେ । ସେମାନେ ଧୋବାର ମୃତ୍ୟୁ, ମାଳିର ସେବା, କୁବଜୀର କଥା



ଶୁଣି ରାମ କୃଷ୍ଣ ଦୁହେଁ ଅତୁଳ ପରାକ୍ରମୀ ବୋଲି ଜାଣିନେଇଥିଲେ । ଇଏ ଯେ ମଥୁରାର ରାଜା ନ ହେବା ସେ କଥା କିଏ କହିପାରିବ ? ବଣିକ ଗୋଷ୍ଠୀ ତ ସବୁବେଳେ ମତଲବରେ ଥାଆନ୍ତି । ତେଣୁ ସେମାନେ ରାମ କୃଷ୍ଣଙ୍କର ଅଭ୍ୟର୍ଥନା କରିବା ପାଇଁ ସ୍ଥିର କଲେ । ଉପଯୁକ୍ତ ସମୟରେ ସେମାନଙ୍କ ଦ୍ୱାରା କିଛି ଫାଇଦା ଉଠାଇହେବ ।

ବଣିଆ, ବ୍ୟବସାୟୀଙ୍କ ବୁଦ୍ଧିକୁ ଅଗମ ବୁଦ୍ଧି କୁହାଯାଏ । ସେମାନେ ସାଧାରଣତଃ ଅଳ୍ପଦେଇ ଅଧିକ ପାଇବା ପାଇଁ ସବୁ ସମୟରେ ଚେଷ୍ଟା ଚଳାଇଥାନ୍ତି । କମ୍ ନେଇ ଯିଏ ଅଧିକ ଦିଏ ସେ ହେଉଛି ସନ୍ଥ । ସନ୍ଥ ଓ ବ୍ରାହ୍ମଣ ସାମାନ୍ୟମାତ୍ର ଦକ୍ଷିଣା ନେଇ ଆଶୀର୍ବାଦ ପ୍ରଦାନ କରି କହନ୍ତି ଆୟୁଷ୍ମାନ ଭବ, ଲକ୍ଷ୍ମୀବାନ ଭବ ।

ଆଜି ସେବାକରି କାଲି ଲାଭପାଇବା ଆଶାରେ ବଣିଆମାନେ ରାମ କୃଷ୍ଣଙ୍କୁ ଆତିଥ୍ୟ ଦେବାକୁ ସ୍ଥିର କରିନେଲେ । ସେମାନେ ଶ୍ରୀକୃଷ୍ଣଙ୍କୁ ପାନଗୁଆ ଦେଇ କହିଲେ, ଏ ଦୋକାନ ଆପଣଙ୍କର ଏ ସବୁ ଜିନିଷ ଆପଣଙ୍କର, ଆମର ସବୁ ସମ୍ପତ୍ତି ତ ଆପଣଙ୍କର ।

ବଣିଆଙ୍କର କଥା ଖୁବ୍ ସୁନ୍ଦର ଓ ମିଠା ଲାଗେ, ହେଲେ ବିଲ୍ କରିବା ଦିନ, ଧନ ସମ୍ପତ୍ତି ଭାଗ କରିବା ଦିନ ସେମାନେ ଖୁବ୍ କଠୋର ହୋଇଯାଆନ୍ତି । ସେମାନେ ନିଜକୁ ଖୁବ୍ ବୁଦ୍ଧିଆ ମନେ କରନ୍ତି । ଧନ ରୋଜଗାର କରିବାକୁ ଯେ ସମସ୍ତ ବୁଦ୍ଧି ଖଟାଇଦିଏ ତାକୁ ବୁଦ୍ଧିମାନ ବୋଲି କୁହାଯାଇ ପାରେ କି ?

ପ୍ରଭୁ ପ୍ରାପ୍ତି ନିମନ୍ତେ ଯିଏ ନିଜର ବୁଦ୍ଧିର ଉପଯୋଗ କରେ ସେ ହିଁ ପ୍ରକୃତରେ ବୁଦ୍ଧିମାନ ।

ସେହି ବଣିଆ ଓ ବ୍ୟବସାୟୀମାନେ କୃଷ୍ଣଙ୍କୁ କ'ଣ କ'ଣ ଦେଇଥିଲେ

ସେମାନେ କେବଳ ପାନ ଆଉ ଫୁଲମାଳ ଦେଇଥିଲେ । ଗନ୍ଧସାର ଅର୍ଥାତ୍ ଚନ୍ଦନର ତିଳକ ପ୍ରଦାନ କରିଥିଲେ । କ'ଣ ଦେଲେ ? କିଛି ବୋଲି କିଛି ଦେଉ ନାହାନ୍ତି କହିଲେ ଚଳେ । ହେଲେ ଶ୍ରୀକୃଷ୍ଣ ହେଉଛନ୍ତି ଭଗବାନ, ତେଣୁ ଅତି ଅଳ୍ପରେ ବି ସେ ସନ୍ତୁଷ୍ଟ ହୋଇ ଯାଇଥିଲେ । ସେ ବଣିଆଙ୍କୁ ବର ଯାଚିଲେ । ବଣିଆଙ୍କର ଲୋଭ ଦେଖନ୍ତୁ ତ ! ସେମାନେ ଅତି ସାମାନ୍ୟ ଦେଇ ପ୍ରଭୁଙ୍କୁ କ'ଣ ମାଗିଲେ ସେମାନେ କହିଲେ, ପ୍ରଭୁ ! ଲକ୍ଷ୍ମୀ ସବୁବେଳେ ଆମଘରେ ହିଁ ରହିଥାନ୍ତୁ । ଅନ୍ୟ କାହା ଘରକୁ କଦାପି ଯାଆନ୍ତୁ ନାହିଁ ।

ଏପରି କଥା ଶୁଣି ଶ୍ରୀକୃଷ୍ଣ ସେମାନଙ୍କୁ ପଚାରିଲେ- 'ତୁମର ଜ୍ଞାନ, ଭକ୍ତି, ସଦାଚାର, ବୈରାଗ୍ୟ ଆଦିର କ'ଣ ଅଛି ଆବଶ୍ୟକତା ନାହିଁ ? ବଣିଆମାନେ କହିଲେ, ଆଜ୍ଞା ! ସେଥିରୁ ସବୁ ଆମେ କ'ଣ ପାଇବୁ ? ଆମକୁ କେବଳ ଧନ ଦରକାର । ତାହା କେଉଁଠୁ ଆସିଲା, କିପରି ଆସିଲା ସେଥିରେ ଆମର କିଛି ଯାଏ ଆସେ ନାହିଁ ।

ଭଗବାନ ମଥୁରାକୁ ଯାଇଥିବାବେଳେ ବଣିଆମାନେ ତାଙ୍କୁ ପାନଗୁଆ ଦେଇ ସ୍ୱାଗତ କରିଥିଲେ, ହେଲେ ଅଭିମାନୀ ବ୍ରାହ୍ମଣମାନେ ଆଦୌ ତାଙ୍କ ପାଖକୁ ଗଲେ ନାହିଁ । ଏପରି କଥା ଦେଖି ଲକ୍ଷ୍ମୀ ଠାକୁରାଣୀ ମନେ ମନେ କ୍ଷୁବ୍ଧ ହୋଇ ଭାବିଲେ- 'ଯାହା ହେଉପଛେ, ମୋ ପତିଙ୍କୁ ବଣିଆମାନେ ସ୍ୱାଗତ କରିଛନ୍ତି, ମାତ୍ର ବ୍ରାହ୍ମଣମାନେ ତାଙ୍କୁ ଅବମାନନା କରିଛନ୍ତି । ଏପରି କହି ଲକ୍ଷ୍ମୀ ବଣିଆଙ୍କ ଘରକୁ ଗଲେ, ବ୍ରାହ୍ମଣଙ୍କ ଘରକୁ ଆଦୌ ଗଲେ ନାହିଁ । ସମ୍ପତ୍ତି କିଛି ପାଇଗଲେ ଲୋକମାନେ ସଂସାରର ସବୁକିଛି ପାଇଯାଇଛନ୍ତି ବୋଲି ଭାବନ୍ତି । ଏପରି ଭାବନା କିନ୍ତୁ ଠିକ୍ ନୁହେଁ । ସଂସାରୀ ନୁହେଁ, ସଂସ୍କାରୀ ହେବା ପାଇଁ ଯତ୍ନ କରୁଥିବା ଉଚିତ ।

ଭଗବାନ କୃଷ୍ଣଚନ୍ଦ୍ର ବଣିଆଙ୍କ ଦୋକାନରେ ଥିବା ଅବସ୍ଥାରେ କେତେକ କ୍ରେତା ସେହି ଦୋକାନରେ ପହଞ୍ଚି ଗଲେ । କ୍ରେତାମାନଙ୍କ ସହିତ ଦୋକାନ ମାଲିକ ଦ୍ରବ୍ୟର ମୂଲ୍ୟ ଉପରେ କଥାବାର୍ତ୍ତା ହେଲେ । ଶ୍ରୀକୃଷ୍ଣଙ୍କ ଆଡ଼ରୁ ମୁହଁ ବୁଲାଇ ଦେଲେ । ଶ୍ରୀକୃଷ୍ଣ ସେମାନଙ୍କୁ ଧନୁଯଜ୍ଞ ସ୍ଥାନର ଠିକଣା ପଚାରିଲେ । ବଣିଆମାନେ ଉତ୍ତର ଦେଇ କହିଲେ- ଆଜ୍ଞା । ଆମେ ବ୍ୟବସାୟ କରିବୁ ନା ଆପଣଙ୍କ ସହିତ କଥାବାର୍ତ୍ତାରେ ଲାଗି ରହିଥିବୁ । ଯାଆନ୍ତୁ, ବାଟରେ କାହାକୁ ପଚାରି ବୁଝିଦେବେ ।

କହିଲେ ଦେଖି ସେହି ବଣିଆମାନେ କେତେ ସ୍ୱାର୍ଥୀ । ଲକ୍ଷ୍ମୀ ପାଇଛନ୍ତି କି ନାହିଁ, ଲକ୍ଷ୍ମୀପତିଙ୍କୁ ପୁରାପୁରି ଭୁଲିଗଲେ ।

ଭଗବାନ ମୃତ୍ୟୁକୁସୁଧାରି ଥାଆନ୍ତି । ତକ୍ଷକ ସର୍ପ କେବଳ ପରୀକ୍ଷିତଙ୍କୁ ଦଂଶନ କରିବାକୁ ଆସି ନ ଥିଲା । ତକ୍ଷକ ସର୍ପ ଭଳି କାଳ ଦିନେ ନା ଦିନେ ଆମ ସମସ୍ତଙ୍କୁ ଦଂଶନ କରିବ । ତକ୍ଷକ ନାଶ ରୂପୀ କାଳ ଆସିବା ପୂର୍ବରୁ ନୋଟିସ ଦେଇ ପରେ ଆସେ । ମୁଣ୍ଡରବାଳ ଧଳା ହେବାରେ ଲାଗେ, ଦାନ୍ତ ପଡିଯାଏ, ଇନ୍ଦ୍ରିୟମାନେ ଶିଥିଳ ହୋଇଯାଆନ୍ତି, ଆଖିକୁ କମ୍ ଦୃଶ୍ୟହୁଏ ଏପରି ହେବା ଅର୍ଥ କାଳରେ ନୋଟିସ୍ ଆମ ପାଖୁ ଆସିଗଲା । କାଳର ଏହି ସୂଚନା ପାଇବା କ୍ଷଣି ମଣିଷ ସଚେତନ ହୋଇଯିବା ଉଚିତ ।

## ବରଗାଁରେ ବିଜେଡିର ରକ୍ତଦାନ ଶିବିର

ସମ୍ବଲପୁର : ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବରଗାଁ ପ୍ରଭାବତୀ ଦେବୀ ସ୍ମୃତି କଲ୍ୟାଣ ମଣ୍ଡପ ଠାରେ ବିଜେଡି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କ ଦିଗଦର୍ଶନରେ ରାଜ୍ୟ ଯୁବ ସମ୍ପାଦକ ମନୋଜ ମହାପାତ୍ରଙ୍କ ନେତୃତ୍ୱରେ ଏହି ରକ୍ତଦାନ ଶିବିର ହୋଇଥିଲା । ଏଥିରେ ୬୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଏହି ଅବସରରେ ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।

## ଦିବ୍ୟ ଦ୍ରବ୍ୟ ଅଁଳା

**ହି**ନ୍ଦୁ ଧର୍ମରେ ଅଁଳାର ବିଶେଷ ମହତ୍ତ୍ୱ ରହିଛି । ମାନ୍ୟତା ଅନୁସାରେ ପୃଥିବୀ ଯେତେବେଳେ ଜଳମଗ୍ନ ଥିଲା, ଜୀବର ସତ୍ତା ନ ଥିଲା ସେବେ ବ୍ରହ୍ମା ପରବ୍ରହ୍ମଙ୍କ ତପସ୍ୟାରେ ମଗ୍ନ ଥିଲେ । ତପସ୍ୟା କରୁ କରୁ ବ୍ରହ୍ମାଙ୍କ ଆଖିରୁ ଆନନ୍ଦ ଓ ପ୍ରେମର ଅଶ୍ରୁ ବାହାରିବାକୁ ଲାଗିଲା । ବ୍ରହ୍ମାଙ୍କର ଏହି ଅଶ୍ରୁ ବୃନ୍ଦାରୁ ଅଁଳା ଗଛର ଉତ୍ପତ୍ତି ହେଲା । ବୃକ୍ଷ ପୂଜା କରିବା ହିନ୍ଦୁ ପରମ୍ପରା ଏବଂ ଅଂଶ । ଅଁଳା ନବମୀ ଏହି ପରମ୍ପରା ସହିତ ଜଡିତ । ଏହି ଦିନ ଅଁଳା ବୃକ୍ଷକୁ ପୂଜା କରିବା ସହ ଏହା ତଳେ ବସି ଭୋଜନ



କଲେ ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ଭଗବାନ ବିଷ୍ଣୁଙ୍କର ପ୍ରିୟ ଫଳ ମଧ ଅଁଳା । ଅଁଳା ବୃକ୍ଷ ସମସ୍ତ ଦେବାଦେବୀଙ୍କ ବାସସ୍ଥଳ ବୋଲି କୁହାଯାଏ । ପୌରାଣିକ ଦୃଷ୍ଟିକୋଣରୁ ରତ୍ନ ପରି ଅଁଳା ଫଳ ମୂଲ୍ୟବାନ ବିବେଚନା କରାଯାଏ । ବୁଧବାର ଦିନ ଭଗବାନଙ୍କୁ ଅଁଳା ଅର୍ପଣ କଲେ ଘରେ ଧନର ଅଭାବ ରହିବ ନାହିଁ । ଅଁଳା ଫଳକୁ ଦାନ ଦେଲେ ମାନସିକ ଶାନ୍ତି ମିଳିଥାଏ । ଚିକିତ୍ସା ବିଜ୍ଞାନ ଅନୁଯାୟୀ ଅଁଳା ପ୍ରକୃତିର ଏମିତି ଏକ ବରଦାନ ଯାହା ଅନେକ ରୋଗକୁ ଭଲ କରେ ।

## ବେଦର ସାର ଗୀତା

ସଂସାରରେ ଅନେକ ସଦଗ୍ରନ୍ଥ ଅଛି । ଦର୍ଶନ, କାବ୍ୟ, ମହାକାବ୍ୟ, ଧର୍ମଗ୍ରନ୍ଥ, ଆଗମ- ନିଗମ ଆଦିରେ ଜ୍ଞାନ ବିଜ୍ଞାନର ସମ୍ପଦ ଓ ସୌନ୍ଦର୍ଯ୍ୟ ବିଦ୍ୟମାନ । ଏସବୁ ମଧ୍ୟରେ ଶ୍ରୀମଦ୍ ଭଗବଦଗୀତାର ସ୍ଥାନ ଅଦ୍ୱିତୀୟ । ଗୀତା ତ ଅନେକ ଅଛି, ଯାହା ଶ୍ରୀମଦ୍ ଭଗବଦଗୀତା ପରେ ସ୍ୱୟଂ ଶ୍ରୀକୃଷ୍ଣଙ୍କ ଦ୍ୱାରା କୁହାଯାଇଛି, ଯେପରି ନିଜର ପରମ ମିତ୍ର ଉଦ୍ଧବଙ୍କ ଅନୁରୋଧରେ କୁହାଯାଇଥିବା, 'ଉଦ୍ଧବ ଗୀତା' ତାଙ୍କର ସମ୍ମାନନୀୟ ଭୀଷ୍ମଙ୍କୁ ଅନୁରୋଧରେ କୁହାଯାଇଥିବା ଭୀଷ୍ମ ଗୀତା' ସଖା ଅର୍ଜୁନଙ୍କ ପୁନଃ ଅନୁରୋଧ ରୂପେ କୁହାଯାଇ ଥିବା 'ଅନୁଗୀତା' ଆଦି ।

ସ୍ଥୁଳ ଦୃଷ୍ଟିରୁ ଶ୍ରୀକୃଷ୍ଣ ହିଁ ସବୁର ବାଚକ, କିନ୍ତୁ ବାସ୍ତବରେ ସତ୍ୟର ଦ୍ୱିତୀୟ ପକ୍ଷ କିଛି ଭିନ୍ନ । ଅନ୍ୟ ସ୍ଥାନଗୁଡିକରେ ସେ କୃଷ୍ଣ ରୂପେ ମାନବ ରୂପେ ବା ଅବତାର ରୂପେ କୃଷ୍ଣ ଅଟନ୍ତି, କିନ୍ତୁ ଶ୍ରୀମଦ୍ ଭଗବଦଗୀତାରେ ସେ ଅନ୍ୟ କୌଣସି ଭାବ ରୂପର ଉର୍ଦ୍ଧ୍ୱରେ ଭଗବଦ୍ ଭାବରେ ଆରୂଢ଼ ଯୋଗେଶ୍ୱର ସର୍ବେଶ୍ୱର ଭଗବାନ ରୂପେ ଉପଦେଶ ଦେଇଛନ୍ତି । ସେଥିପାଇଁ ସ୍ୱୟଂ ଭଗବାନଙ୍କ ଅଭିବ୍ୟକ୍ତିର ଏକମାତ୍ର ଗ୍ରନ୍ଥ ହେଉଛି ଶ୍ରୀମଦ୍ ଭଗବଦ୍‌ଗୀତା । ଏହି ମହାଗ୍ରନ୍ଥର ଅବତରଣକୁ 'ଗୀତା ଜୟନ୍ତୀ' ରୂପେ ଅଭିହିତ କରାଯାଏ ।

ଶ୍ରୀମଦ୍ ଭଗବଦଗୀତାର କେନ୍ଦ୍ରୀୟ ବିଷୟ ହେଉଛି ନିଷ୍କାମ କର୍ମ । ଗୀତାରେ ଭଗବାନ ଏହା ମଧ୍ୟ କହିଛନ୍ତି ଯେ ଯୋଗ କାମନାର ପୂର୍ତ୍ତି ଓ ଐଶ୍ୱର୍ଯ୍ୟ ପ୍ରାପ୍ତି ନିମନ୍ତେ ଯେଉଁ କାମାତ୍ମା ପୁରୁଷ ବେଦରେ ସୃଷ୍ଟି ପାଇଁ ପ୍ରତିପାଦିତ ସକାମ କର୍ମର ଅନୁଷ୍ଠାନ ନିଜର ହିତ ସାଧନ ହେତୁ କରନ୍ତି, ସେମାନେ ମୂଢ଼, କାରଣ ସକାମ କର୍ମର ଅନୁଷ୍ଠାନ ଭୋଗ ଓ ଐଶ୍ୱର୍ଯ୍ୟ ତ ଦେଇପାରେ, କିନ୍ତୁ ଏହା କରୁଥିବା ବ୍ୟକ୍ତିକୁ ସଂସାର ଚକ୍ର ସହିତ ବାନ୍ଧି ରଖିଥାଏ । ସକାମ କର୍ମ କାରଣରୁ ବୁଦ୍ଧି ନିଶ୍ଚୟାତ୍ମକ ହୋଇପାରେ ନାହିଁ ଏବଂ ଏପରି କର୍ମର ପୁଣ୍ୟ ଦ୍ୱାରା ଯେଉଁ ସ୍ୱର୍ଗାଦି ଦିବ୍ୟ ଭୋଗ ଓ ଐଶ୍ୱର୍ଯ୍ୟ ମିଳିଥାଏ, ସେଗୁଡିକ ପୁଣ୍ୟ କ୍ଷୟ ହୋଇଗଲେ ପୁନଃ ଜନ୍ମ ମରଣର କାରଣ ହୋଇଥାଏ ।

ଗୀତାରେ ଭଗବାନଙ୍କ ଘୋଷଣା ହେଉଛି ଯେ ବେଦର ଅଧ୍ୟୟନ, ଯଜ୍ଞ ସମ୍ପାଦନ, ଦାନ ଗୌକିକ କ୍ରିୟା ଏବଂ ଉଗ୍ର ତପଗୁଡିକ ଦ୍ୱାରା ପରମାତ୍ମାଙ୍କ ପ୍ରାପ୍ତି ହୋଇପାରେ ନାହିଁ, କାରଣ ଏସବୁମନ, ଇନ୍ଦ୍ରିୟ ଓ ଶରୀରର କ୍ରିୟା ଦ୍ୱାରା ହିଁ ସମ୍ପନ୍ନ କରାଯାଏ । ସମାଧାନପରକ ହୋଇ ଭଗବାନ ଏ ସନ୍ଦର୍ଭରେ ଏହା ମଧ୍ୟ କହିଛନ୍ତି ଯେ ଯେଉଁ ପୁରୁଷ ତାତ୍ତ୍ୱିକ ରୂପେ ବୁଝି ବେଦରେ କୁହାଯାଇଥିବା ଅନୁଷ୍ଠାନଗୁଡିକୁ କରିବ, ସେ ହୃଦୟରେ ଅନ୍ତର୍ଯ୍ୟାମୀ ରୂପେ ସ୍ଥିତ ପରମାତ୍ମାଙ୍କୁ ଜାଣି ପାରିବ । ଏଣୁ ହେ ଅର୍ଜୁନ । ତୁମେ ତତ୍ତ୍ୱଦର୍ଶୀ ଜ୍ଞାନୀମାନଙ୍କ ଶରଣ ନେଇ ତତ୍ତ୍ୱ ଜ୍ଞାନର ଉପଦେଶ ପ୍ରାପ୍ତ କର । ମହାଭାରତରେ ମହର୍ଷି ଯାଜ୍ଞବଲକ୍ୟ ରାଜା ବିଶ୍ୱାସୁଙ୍କୁ ଗୀତାକାରଙ୍କ ସମାନ କହିଛନ୍ତି- ସାଙ୍ଗୋପାଙ୍ଗ ବେଦକୁ ପଢ଼ି ମଧ୍ୟ ଯିଏ ବେଦ ଦ୍ୱାରା ଜାଣି ହେବା ଯୋଗ୍ୟ ପରମାତ୍ମାଙ୍କୁ ଜାଣେ ନାହିଁ, ସେହି ମୂଢ଼ କେବଳ ବେଦର ବୋଝ ବୋହିଥାଏ । ବେଦ ପ୍ରତି ଏପରି ଭାବ ପ୍ରକଟ କରିଥିବା ଗୀତାର ବଚନ ମଧ୍ୟ ବିଚାରଣୀୟ-

ଯାମିମାଂ ପୁଷ୍ପିତାଂ ବାଚଂ
ପ୍ରବଦନ୍ତ୍ୟବିପଶ୍ଚିତଃ ।
ବେଦବାଦରତାଃ ପାର୍ଥ
ନାନ୍ୟଦସ୍ତୀତି ବାଦିନଃ ।
କାମାତ୍ମାନଃ ସ୍ୱର୍ଗପରା ଜନ୍ମ
କର୍ମଫଳ ପ୍ରଦାମ୍ ।
କ୍ରିୟାବିଶେଷବହୁଳାଂ
ଭୋଗୈଶ୍ୱର୍ଯ୍ୟଗତିଂ ପ୍ରତି ।

ଗୀତାର ଉପଯୁକ୍ତ ବଚନଗୁଡିକ ଯୋଗୁଁ କିଛି ବିଦ୍ୱାନ ବେଦର ଆଲୋଚନା କରୁଥିବା ପ୍ରତୀତ ହୋଇଥାଏ । ଏହି ବଚନ ବେଦର ନିନ୍ଦା ନୁହେଁ, ବରଂ ସେହି କାମାତ୍ମା ପୁରୁଷମାନଙ୍କୁ ସାବଧାନ କରିବା ପାଇଁ କୁହାଯାଇଛି, ଯେଉଁମାନେ ଭୋଗ ଓ ଐଶ୍ୱର୍ଯ୍ୟ ପ୍ରାପ୍ତି ନିମନ୍ତେ ସକାମ କର୍ମ କରିବାକୁ ନିଜର ସ୍ୱଭାବ କରି ନେଇଛନ୍ତି । ଏହି ବଚନଗୁଡିକ ଦ୍ୱାରା ଭଗବାନ ବେଦରେ ବର୍ଣ୍ଣିତ ସକାମ ଭାବର କର୍ମକାଣ୍ଡ ଗୁଡିକ ସ୍ଥାନରେ ଆସକ୍ତି ରହିତ ନିଷ୍କାମ କର୍ମର ପକ୍ଷ ଅବଶ୍ୟ ନେଇଛନ୍ତି, କିନ୍ତୁ ଗୀତାରେ ଭଗବାନ କହିଛନ୍ତି ଯେ ଜାଣିବା ଯୋଗ୍ୟ ପବିତ୍ର ଓଁକାର, ଋଗବେଦ, ସାମବେଦ ଓ ଯର୍ଜୁବେଦ ମୁଁ ହିଁ ଅଟେ । ନିଜର ବିଭୂତିଗୁଡିକର ବର୍ଣ୍ଣନ କରି ଭଗବାନ ସ୍ୱୀକାର କରିଛନ୍ତି ଯେ ବେଦ ମଧ୍ୟରେ ମୁଁ ସାମବେଦ ଅଟେ । ନିଜ ଶ୍ରେଷ୍ଠତାର ପ୍ରମାଣ ଭଗବାନ ବେଦରୁ ହିଁ ଦେଇଛନ୍ତି ଯେତେବେଳେ ସେ କହିଛନ୍ତି- ଅତୋଽସ୍ମି ଲୋକେ ବେଦ ଚ ପ୍ରଥିତଃ ପୁରୁଷୋତ୍ତମଃ ।

ବେଦରେ ମଧ୍ୟ ମୁଁ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ । ମହାତ୍ମା ଗାନ୍ଧୀ ଏହି ରହସ୍ୟକୁ ବହୁତ ସୁନ୍ଦର ଢ଼ଙ୍ଗରେ ସମାଧାନ କରିଛନ୍ତି । ସେ କହିଛନ୍ତି ଯେ ପୁରୁଷର ଚିତ୍ତ କୁକର୍ମ କାରଣରୁ ମଳିନ ହୋଇଯାଏ । ଚିତ୍ତର ମଳକୁ ହଟାଇବା ପାଇଁ ସତ୍କର୍ମ ରୂପୀ ବୈଦିକ କର୍ମକାଣ୍ଡ ଗୁଡ଼ିକର ଅନୁଷ୍ଠାନର ବ୍ୟବସ୍ଥା ଆମକୁ ଉପଲବ୍ଧ କରାଯାଇଛି । ଶାସ୍ତ୍ରୋକ୍ତ କର୍ମ ଚିତ୍ତର ଶୁଦ୍ଧି କରି ତାହାକୁ ନିର୍ମଳ ଓ ଶାନ୍ତ କରିଦିଏ । ଅଶୁଦ୍ଧଚେତା ସାଧକ ଶ୍ରବଣ କରିନେବା ମାତ୍ରେ ବ୍ରହ୍ମବିଦ୍ୟା ଫଳବତୀ ହୁଏ ନାହିଁ । ଏହି ଅନୁଭବ ଦୁର୍ଲଭ ନୁହେଁ । ଜ୍ଞାନ ପ୍ରାପ୍ତି ହେତୁ ବେଦୋକ୍ତ ସକାମ କର୍ମ କରି ପ୍ରଥମେ ଚିତ୍ତ ଶୁଦ୍ଧର ଆବଶ୍ୟକତା ରହିଛି ।

ପରମାଚାର୍ଯ୍ୟ ଶ୍ରୀ ରାମାନୁଜ ନିଜର ଶ୍ରୀଭାଷ୍ୟରେ ବିହିତତ୍ୱାଜା ଶ୍ରମକର୍ମାପି ତଥା ସହକାରିତ୍ୱେନ ଚ ସୂତ୍ରରେ ଆଶ୍ରମ, କର୍ମଗୁଡିକର ପାଳନକୁ ବ୍ରହ୍ମବିଦ୍ୟା ପ୍ରାପ୍ତିର ସାଧନ ମାନିଛନ୍ତି । ମୁଣ୍ଡକୋପନିଷଦ ଅନୁସାରେ ମଧ୍ୟ ପରମାତ୍ମାଙ୍କ ଠାରେ ହିଁ ବେଦର ଋଚାଗୁଡିକ, ସାମ, ଯଜୁଃ ଦୀକ୍ଷା ସମସ୍ତ ଯଜ୍ଞ, କ୍ରତୁ, ଦକ୍ଷିଣା, ସମ୍ବତ୍ସର, ଯଜମାନ, ଲୋକ ଓ ଯେପର୍ଯ୍ୟନ୍ତ ଚନ୍ଦ୍ର ପବିତ୍ର କରୁଛି ଓ ସୂର୍ଯ୍ୟ ଉତ୍ତପ୍ତ କରୁଛି, ସେହି ଲୋକ ସବୁ ଉତ୍ପନ୍ନ ହୋଇଛି । ବେଦ ଓ ସେଥିରେ ପ୍ରତିପାଦିତ କର୍ମଗୁଡିକର ବିଧାନ ପରମାତ୍ମାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି । ବେଦରେ ସକାମ ସହିତ ନିଷ୍କାମ କର୍ମର ବି ଚର୍ଚ୍ଚା ରହିଛି । 'ବେଦ' ଶବ୍ଦ ସେହି ଶୁଦ୍ଧ ଜ୍ଞାନର ଦ୍ୟୋତକ, ଯାହା ପରମାତ୍ମାଙ୍କ ଠାରୁ ପ୍ରକଟ ହୋଇଛି । ବେଦକୁ ସାକ୍ଷାତ ଭଗବଦ୍ ରୂପ ମନେ କରାଯାଏ ଓ ଶାସ୍ତ୍ର ଭଗବାନଙ୍କୁ ବି ବେଦ ରୂପ କହିଥାଏ । ଯସ୍ୟ ନିଶ୍ବସିତଂ ବେଦାଃ ଅର୍ଥାତ୍ ବେଦ ଭଗବାନଙ୍କ ନିଃଶ୍ୱାସ । ବେଦରେ ସକାମ ଭାବ ଯୁକ୍ତ କର୍ମକାଣ୍ଡର ମନ୍ତ୍ର ସଂଖ୍ୟା ଅଶୀ ହଜାର, ଯେତେବେଳେ କି ଉପାସନା କାଣ୍ଡର ମନ୍ତ୍ର ସଂଖ୍ୟା ଷୋଳ ହଜାର ଓ ନିଷ୍କାମ କର୍ମ ଯୁକ୍ତ ଜ୍ଞାନକାଣ୍ଡର ମନ୍ତ୍ର ସଂଖ୍ୟା ଚାରି ହଜାର ଅଟେ ।

ଗୀତା ସମାନ ନିଷ୍କାମ କର୍ମ ଓ ଅନାସକ୍ତିର ଉପଦେଶ ଦେଉଥିବା ଅନେକ ବଚନ ବେଦରେ ମିଳିଥାଏ- ତମେତଂ ବେଦାନୁବଚନେନ ବ୍ରାହ୍ମଣା ବିବିଦିଷନ୍ତି ଯଜ୍ଞେନ ତପସାନାଶକେନ୍ । ଆତ୍ମାକୁ ଲୋକେ ବେଦର ସ୍ୱାଧ୍ୟାୟ ଦ୍ୱାରା ତଥା ଯଜ୍ଞ, ଜ୍ଞାନ ଓ ନିଷ୍କାମ ତପ ଦ୍ୱାରା ଜାଣିବାର ଇଚ୍ଛା ରଖନ୍ତି । ଶ୍ରୁତିର ଏହି ବଚନରେ 'ଅନାଶକେନ' ଶବ୍ଦର ଅର୍ଥ ହେଉଛି କାମନା ରହିତ । ଭଗବାନ ଗୀତାରେ ବେଦର ବଚନଗୁଡିକୁ ହିଁ ଦୋହରାଇଛନ୍ତି, ଏଣୁ ଗୀତାର କୌଣସି ବଚନକୁ ବେଦର ନିନ୍ଦା କହିବା ସର୍ବଥା ଅନୁପଯୁକ୍ତ । ଗୀତାକୁ ବେଦର ସାର କୁହାଯାଇ ପାରେ । ବେଦର ସଂକ୍ଷିପ୍ତୀକରଣ ଓ ସାର ହିଁ ଗୀତା । ଗୀତାରେ ନିଷ୍କାମ କର୍ମର ପ୍ରତିପାଦନ ରହିଛି । ଗୀତାର ଜ୍ଞାନରେ ଏତେ ବ୍ୟାପକତା ଅଛି ଯେ ଏହାକୁ ଯେଉଁ ରୂପରେ ଧାରଣ କରିବାକୁ ଚାହିଁବା ସେଥିରେ ନବୀନ ଜ୍ଞାନର ଉଦୟ ହୋଇଥାଏ ।

## ଭକ୍ତିର ମର୍ମ

ବୈଦିକ କାଳର କଥା । କାନ୍ତିପୁରରେ ଚୋଳ ନାମକ ଚକ୍ରବର୍ତ୍ତୀ ନରେଶ ଶାସନ କରୁଥିଲେ । ରାଜା ନିରନ୍ତର ଦାନ ପୁଣ୍ୟ ତଥା ଯଜ୍ଞାଦି କରୁଥିଲେ, କିନ୍ତୁ ସମୟ କ୍ରମେ ତାଙ୍କ ମନରେ ଅଭିମାନ ଆସିଗଲା ଯେ ମୁଁ ବହୁତ ବଡ଼ ଦାନୀ ଓ ଭଗବାନଙ୍କର ବହୁତ ବଡ଼ ଭକ୍ତ । ସେ ଭାବିଲେ ମୁଁ ଦାନ ପୂଜନ କରି ଭଗବାନଙ୍କୁ ଯେତିକି ପ୍ରସନ୍ନ କରୁଛି ସେତିକି ଆଉ କେହି କରି ପାରିବେ ନାହିଁ । ସେ ନିଜର ଅଭିମାନରେ ଭୁଲିଗଲେ ଯେ ଭଗବାନ ଧନର ନୁହେଁ ଭାବର ଭୋକିଲା ହୋଇଥାନ୍ତି ।

ଯଦି ମନ ନିର୍ମଳ ହୁଏ ଓ ହୃଦୟରେ ପ୍ରଭୁଙ୍କ ପାଇଁ ସଚ୍ଚା ପ୍ରେମ ଥାଏ ତ ଏଭଳି ଭକ୍ତ ଉପରେ, ସାଧକ ଉପରେ ପ୍ରଭୁଙ୍କ କୃପା ଅବଶ୍ୟ ବର୍ଷିଥାଏ । ତେଣିକି ସେହି ବ୍ୟକ୍ତି, ସେହି ସାଧକ ଗରିବ ହୋଇଥାଉ କି ଧନୀ ହୋଇଥାଉ, କୌଣସି ଜାତି ଓ ସମ୍ପ୍ରଦାୟର ହୋଇଥାଉ, ରାଜା କି ରଙ୍କ ହୋଇଥାଉ, ଏଥିରେ କିଛି ଫରକ ପଡେ ନାହିଁ । ରାଜା ଏହା ଭୁଲିଗଲେ ଯେ ପ୍ରଭୁ ତ ସାଧକ, ଭକ୍ତର ମନର ନିର୍ମଳତା, ପବିତ୍ରତା ଓ ସଚ୍ଚା ପ୍ରେମକୁ ଦେଖି ହିଁ ପ୍ରସନ୍ନ ହୋଇଥାନ୍ତି, ଧନ ଦୌଲତକୁ ଦେଖି ନୁହେଁ ।

ରାଜା ଚୋଳଙ୍କ ନଗରରେ ବିଷ୍ଣୁଦାସ ନାମକ ଜଣେ ଗରିବ ବ୍ରାହ୍ମଣ ରହୁଥିଲେ । ସେ ହରିଭକ୍ତ ଥିଲେ ଓ ନିତ୍ୟ ହରିଭକ୍ତିରେ ନିରତ ରହୁଥିଲେ । ତାଙ୍କର ବିଶ୍ୱାସ ଥିଲା ଯେ ଶ୍ରଦ୍ଧା ଭକ୍ତିରେ ସମର୍ପିତ ପୁଷ୍ପ, ଜଳ ଆଦିକୁ ପାଇ ପ୍ରଭୁ ପ୍ରସନ୍ନ ହୁଅନ୍ତି ଓ ତାହାକୁ ଗ୍ରହଣ କରନ୍ତି, ସ୍ୱୀକାର କରନ୍ତି । ସମୁଦ୍ର କୂଳରେ ଗୋଟିଏ ମନ୍ଦିର ଥିଲା, ଯେଉଁଠିକୁ ରାଜା ଚୋଳ ଓ ବିଷ୍ଣୁଦାସ ପ୍ରତିଦିନ ପୂଜା କରିବାକୁ ଯାଉଥିଲେ ।

ଦିନେ ଚୋଳ ଭଗବାନଙ୍କ ପୂଜା କରି ମନ୍ଦିରରେ ବସିଥିଲେ । ସେବଡ଼ ରାଜକୀୟ ଠାଣିରେ ଆଟବାଟରେ ସହିତ ଭଗବାନଙ୍କ ବିଶେଷ ଶୃଙ୍ଗାର ପୂଜନ କରି ମନ୍ଦିରରେ ବସିଥିଲେ । ସେ ବହୁତ ମହଙ୍ଗା ସ୍ୱର୍ଣ୍ଣ ଅଳଙ୍କାର ଓ ହୀରା ମାଣିକ୍ୟ ଆଦି ସହିତ ଭଗବାନଙ୍କ ବିଗ୍ରହର ବିଶେଷ ଶୃଙ୍ଗାର ପୂଜନ କରିଥିଲେ ଏବଂ ଏହାକୁ ଦେଖିସେ ବଡ଼ ଗୌରବାନ୍ୱିତ ଥିଲେ ଯେ ଭଗବାନଙ୍କ ଏପରି ଶୃଙ୍ଗାର ପୂଜନ ତାଙ୍କ ବ୍ୟତୀତ ଆଉ କିଏ ବା କରିପାରେ ।

ଦୈବଯୋଗକୁ ସେହି ସମୟରେ ଭକ୍ତ ବିଷ୍ଣୁଦାସ ମଧ୍ୟ ଗୋଟିଏ ପାତ୍ରରେ ଜଳ ଓ ତୁଳସୀ ଦଳ, ପୁଷ୍ପାଦିରେ ପରିପୂର୍ଣ୍ଣ ଏକ ଛୋଟ ଡାଲା ଧରି ଭଗବାନଙ୍କ ପୂଜନ ପାଇଁ ସେହି ମନ୍ଦିରକୁ ଆସିଲା । ସେ ଭକ୍ତିଭାବରେ ବୁଡ଼ି ରହିଥିଲେ । ସେ ଭଗବାନ ଶ୍ରୀହରିଙ୍କ ବିଗ୍ରହ ପାଖରେ ବଡ଼ ପ୍ରେମପୂର୍ବକ ବସି ତାଙ୍କର ପୂଜନ କରିବାରେ ଲାଗିଲେ । ଭଗବାନଙ୍କ ବିଗ୍ରହ ତାଙ୍କ ପାଇଁ ସାକ୍ଷାତ ଶ୍ରୀ ହରି ହିଁ ଥିଲେ । ଭଗବାନଙ୍କ ବିଗ୍ରହକୁ ଦେଖିବା ମାତ୍ରେ ସେ ଭଗବାନ ଶ୍ରୀହରିଙ୍କ ଦିବ୍ୟ ସ୍ୱରୂପର ଧ୍ୟାନ କରି ନିଜର ପୂଜନ ଆରମ୍ଭ କଲେ ।

ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ

## ଆଜିର ଚିନ୍ତନ

ଏକଦା ଶ୍ରୀକୃଷ୍ଣ ବହୁତ ଅସୁସ୍ଥ ହୋଇପଡିଲେ । ଅନେକ ଚିକିତ୍ସା କରାଗଲା । କିନ୍ତୁ ଶ୍ରୀକୃଷ୍ଣଙ୍କ ଉପରେ ସମସ୍ତ ଚିକିତ୍ସା ପ୍ରଭାବହୀନ ସାବ୍ୟସ୍ତ ହେଲା । ଦିନେ ଶ୍ରୀକୃଷ୍ଣ ନିଜେ ଗୋପୀମାନଙ୍କୁ ଏପରି ପ୍ରତିକାର କରିବାକୁ କହିଲେ, ଯାହା ଶୁଣି ଗୋପୀମାନେ ଦ୍ୱନ୍ଦ୍ୱରେ ପଡିଗଲେ । ଶ୍ରୀକୃଷ୍ଣ ଗୋପୀମାନଙ୍କର ପାଦ ପ୍ରକ୍ଷାଳନ ଜଳ ଆଣିବାକୁ କହିଲେ । ଯିଏ ଶ୍ରୀକୃଷ୍ଣଙ୍କୁ ଅଧିକ ବିଶ୍ୱାସ ଓ ପ୍ରେମ କରୁଥିବ ଏବଂ ତାଙ୍କର ସର୍ବୋଚ୍ଚ ଭକ୍ତ ଯିଏ ତାଙ୍କ ପାଦ ପ୍ରକ୍ଷାଳନ ଜଳ ଶ୍ରୀକୃଷ୍ଣ ଗ୍ରହଣ କରିବା ଦ୍ୱାରା ସେ ନିଶ୍ଚିତ ଆରୋଗ୍ୟ ହେବେ । ଏହି କଥା ଶୁଣି ଗୋପୀମାନେ ଚିନ୍ତିତ ହୋଇପଡିଲେ । ସମସ୍ତେ ଶ୍ରୀକୃଷ୍ଣଙ୍କ ପରମଭକ୍ତ ଥିଲେ । ସେମାନେ ଏହି ପ୍ରତିକାରର ବିଫଳତାକୁ ନେଇ ଚିନ୍ତିତ ହୋଇ ପଡିଲେ । ସମସ୍ତେ ଭାବିଲେ ଯେ ତାଙ୍କ ପଦ ପ୍ରକ୍ଷାଳନ ଜଳ ଶ୍ରୀକୃଷ୍ଣଙ୍କୁ ପାନ କରାଇବା ଦ୍ୱାରା ସେ ଜଣେ ଭକ୍ତର କାର୍ଯ୍ୟ କରିବେ, କିନ୍ତୁ ପ୍ରତିକାର ବିଫଳ ହୋଇଗଲେ ତାଙ୍କୁ ନର୍କ ଭୋଗିବାକୁ ପଡିବ । ଗୋପୀମାନେ ବ୍ୟାକୁଳ ହୋଇ ଅନ୍ୟ ପ୍ରତିକାର କଥା ଚିନ୍ତା କରୁଥିଲେ । ଯେତେବେଳେ ଗୋପୀମାନେ ରାଧାଙ୍କୁ କୃଷ୍ଣଙ୍କ ପ୍ରତିକାର ବିଷୟରେ ଜଣାଇଲେ, ରାଧା କିଛି କ୍ଷଣ ମଧ୍ୟ ନଷ୍ଟ କରିବା ଉଚିତ ମନେ କଲେ ନାହିଁ । ସେ ଖୁବ୍ ଶୀଘ୍ର ତାଙ୍କ ପାଦ ଧୋଇ ଚରଣାମୃତ ପ୍ରସ୍ତୁତ କରି ଶ୍ରୀକୃଷ୍ଣଙ୍କୁ ପାନ କରିବାକୁ ଦେଲେ । ରାଧା ଜାଣିଥିଲେ ସେ କ'ଣ କରୁଛନ୍ତି । ଅନ୍ୟ ଗୋପୀମାନଙ୍କ ମନରେ ଯେଉଁ ଭୟ ଥିଲା ରାଧାଙ୍କ ମନରେ ମଧ୍ୟ ସମାନ ଭୟ ଥିଲା । କିନ୍ତୁ କୃଷ୍ଣଙ୍କୁ ସୁସ୍ଥ କରିବା ପାଇଁ ସେ ନର୍କକୁ ଯିବାକୁ ମଧ୍ୟ ପ୍ରସ୍ତୁତ ଥିଲେ । ଶ୍ରୀକୃଷ୍ଣ ରାଧାଙ୍କ ଚରଣାମୃତ ପାନ କରି ସୁସ୍ଥ ହୋଇଗଲେ । ଶ୍ରୀରାଧାଙ୍କ ପ୍ରକୃତ ପ୍ରେମ, ବିଶ୍ୱାସ ଓ ନିଷ୍ଠା ଶ୍ରୀକୃଷ୍ଣଙ୍କୁ ସୁସ୍ଥ କରି ଦେଇଥିଲା । ଶ୍ରୀରାଧା ତାଙ୍କ ଭବିଷ୍ୟତ ବିଷୟରେ ଥରେ ଚିନ୍ତା ନ କରି ମଧ୍ୟ ତାଙ୍କ ଧର୍ମ ପାଳନ କରିଥିଲେ ।

# ଆଧ୍ୟାତ୍ମିକ ସମସ୍ୟାର ସମାଧାନ ହେଉଛି ଧ୍ୟାନ


**ଧ୍ୟା**ନରେ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ରହସ୍ୟ ସମାହିତ, ତଥାପି ଏହାର ଅନୁଭବ କମ୍ ଲୋକ କରି ପାରନ୍ତି, କାରଣ ଧ୍ୟାନ ବିଷୟରେ ଅନେକ ଭ୍ରାନ୍ତି ପ୍ରଚଳିତ । କତିପୟ ଲୋକ ଧ୍ୟାନକୁ ମାତ୍ର ଏକାଗ୍ରତା ବୁଝିଥାନ୍ତି । କିଛି ଲୋକଙ୍କ ପାଇଁ ଧ୍ୟାନ କେବଳ ମାନସିକ ବ୍ୟାୟାମ ହୋଇଥାଏ । ଧ୍ୟାନକୁ ଏକାଗ୍ରତା ବୁଝୁଥିବା ଲୋକେ ଯେନତେନ ପ୍ରକାରେ ମାନସିକ ଚେତନାକୁ ଗୋଟିଏ ବିନ୍ଦୁରେ ଏକାଠି କରିବାର ଚେଷ୍ଟା କରନ୍ତି, ଯଦିଓ ସେମାନଙ୍କର ଏହି ପ୍ରୟାସ ଦ୍ୱାରା ପରାମାନସିକ ଚେତନାର ଦ୍ୱାର ଖୋଲେ ନାହିଁ । ସେମାନଙ୍କୁ ଅନ୍ତର୍ଜଗତରେ ପ୍ରବେଶ ମିଳେ ନାହିଁ । ସେମାନେ ତ କେବଳ ବାହ୍ୟ ଜଟିଳତା ଗୁଡିକରେ ଭ୍ରମିତ ହୋଇଥାନ୍ତି ଅଥବା ମାନସିକ ଦ୍ୱନ୍ଦ୍ୱରେ ଅଟକି ରହିଥାନ୍ତି ।

ଔଷଧ ଯେପରି ଶରୀରରୁ ରୋଗଗୁଡିକୁ ଦୂର କରିଥାଏ ସେହିପରି ଧ୍ୟାନ ଅନ୍ତଃକରଣକୁ ସୁସ୍ଥ କରିଥାଏ । ଧ୍ୟାନ ଆମର ଜାଗରୂକତା ଓ ହୃଦୟ ସମେତ ସମସ୍ତ ଇନ୍ଦ୍ରିୟର ସମ୍ବେଦନଶୀଳତାକୁ ଦ୍ରୁତ ବେଗରେ ବଢ଼ାଇ ଥାଏ । ଧ୍ୟାନ ଆମର ଭାବନାରେ ବୃଦ୍ଧି କରିଥାଏ ଓ ସକାରାତ୍ମକତାକୁ ବି ବଢ଼ାଇଥାଏ । ଏହି ସକାରାତ୍ମକତା ଓ ଭାବନା ଆମକୁ ଈଶ୍ୱରଙ୍କ ନିକଟକୁ ନେଇଯାଏ ।

ଧ୍ୟାନର ଅର୍ଥ କିଛି ନ କରିବା । ଧ୍ୟାନ ହେଉଛି ପୂର୍ଣ୍ଣ ବିଶ୍ରାମ ଅବସ୍ଥାରେ ଶ୍ୱାସ ପ୍ରତି ଚେତନା ହେବା । ପୂର୍ଣ୍ଣର ତାତ୍ପର୍ଯ୍ୟ ଶରୀର, ମନ ଓ ହୃଦୟ ମାନେ କ୍ରିୟା, ଚିନ୍ତନ ବିଚାର ଓ ଭାବନା, ତିନିଟିର ବିଶ୍ରାମ ଅବସ୍ଥା । ଧ୍ୟାନ ପ୍ରୟାସ କଲେ ଆସେ ନାହିଁ । ଯେତେବେଳେ ବି ଆମେ ଧ୍ୟାନରେ ଅବତରଣର ପ୍ରୟାସ କରିବା, ବାଧା ଉପୁଜିବା । ହଁ! ଯେତେବେଳେ ଆମେ ନିଜକୁ ସମ୍ପୂର୍ଣ୍ଣ ରୂପେ ଛାଡିଦେବା, ଆମକୁ ଜଣା ପଡିବ ନାହିଁ ଯେ ଆମେ କେତେବେଳେ ଧ୍ୟାନରେ ଅବତରଣ କରିଗଲେ ।

ଆମର କ୍ରିୟାଗୁଡିକର ତିନିଟି ତଳ ଅଛି । ପ୍ରଥମରେ ଶରୀରର ତଳ, ଯେଉଁଠି ଆମେ କିଛି କର୍ମ କରିଥାଉ । ଦ୍ୱିତୀୟ ତଳ ମନର, ଯେଉଁଠି ଆମେ ଚିନ୍ତନ ବିଚାର କରିଥାଉ । ତୃତୀୟ ତଳ ହେଉଛି ଆମ ହୃଦୟର ଭାବ ଜଗତର, ଯେଉଁଠି ଆମେ ଭାବନାଗୁଡିକର ଅନୁଭବ କରିଥାଉ । ଏ ତିନିଟି ମଧ୍ୟରେ ଆହୁରି ଏକ ଚତୁର୍ଥ ତଳ ଅଛି । ତାହା କୌଣସି କର୍ମର ତଳ ନୁହେଁ । ସେଠାରେ କେବଳ ପ୍ରାଣ ଅଛି, କେବଳ ଚେତନା ଅଛି, ଯେଉଁଠି ଯେତେବେଳେ ଆମେ ଶରୀର, ମନ ବା ହୃଦୟରେ କିଛି ବି କରି ନ ଥାଉ ।

ଆମେ ଭାବିଥାଉ ଯେ ଆମର ଯଦି ରୋଗ ନାହିଁ ତାହେଲେ ଆମେ ସୁସ୍ଥ, କିନ୍ତୁ ରୋଗ ନ ହେବାର ଅର୍ଥ ସୁସ୍ଥ ହେବା ନୁହେଁ । ଆହୁରି ବି କିଛି ଦରକାର । ଧ୍ୟାନ ହେଉଛି ସେଇ ଜିନିଷ । ଏହା ଆମର ଆଧ୍ୟାତ୍ମିକ ସମସ୍ୟାର ସମାଧାନ ଅଟେ । ଧ୍ୟାନ ଆମକୁ ଉଚିତ ପରିପ୍ରେକ୍ଷୀରେ ଘଟଣାଗୁଡିକୁ ପରଖିବାର ଦୃଷ୍ଟି ଦେଇଥାଏ । ଧ୍ୟାନୀ ସହିତ ମିଶି ଆମକୁ ତା'ର ଆନ୍ତରିକ ଖୁସି ଓ ଶାନ୍ତିର ସ୍ପଷ୍ଟ ଅନୁଭବ ହୁଏ । ଯିଏ ଧ୍ୟାନ କରେ, ତାର ଅତୀନ୍ଦ୍ରିୟ କ୍ଷମତା ଅବଶ୍ୟ ବିକଶିତ ହୁଏ ଏବଂ ଏହା ତାକୁ ଜୀବନର ପରମ ଉଦ୍ଦେଶ୍ୟ ଖୋଜିବା ପ୍ରତି ଚେତନ କରି



ରଖେ । ଧ୍ୟାନରୁ ପ୍ରାପ୍ତ ଶୂନ୍ୟତା ତା' ମଧ୍ୟରେ ନୂତନ ବୋଧ ଭରିଥାଏ । ଧ୍ୟାନୀ ସ୍ୱତନ୍ତ୍ର ଓ ଆତ୍ମନିର୍ଭର ବିଚାରର ସ୍ୱାମୀ ହେବାର ପ୍ରବଳ ସମ୍ଭାବନା ଥାଏ । ତା'ର ବୃତ୍ତି ଆବିଷ୍କାରକ, ସୃଜନାତ୍ମକ, କଳାତ୍ମକ ଓ ସାହିତ୍ୟିକ ହୋଇଥାଏ ।


ଧ୍ୟାନ ସ୍ୱ ଯଥାର୍ଥ ବୋଧ ଅର୍ଥାତ୍ ସେଲଫ ଆକୁଚୁଆଲାଇଜେସନରେ ସହାୟକ ହୋଇଥାଏ । ଏହା ସେବା କାର୍ଯ୍ୟରେ ଆମର ରୁଚି ବଢ଼ାଇ ଥାଏ । ଆତ୍ମଜ୍ଞାନର ସମ୍ଭାବନାର ଦ୍ୱାର ଧ୍ୟାନ ଦ୍ୱାରା ହିଁ ଖୋଲିଥାଏ ଏବଂ ଏହା ଦ୍ୱାରା କେବଳ ନିଜ ବିଷୟରେ ନୁହେଁ ବରଂ ଅନ୍ୟମାନଙ୍କ ବିଷୟରେ ବି ଗଭୀର ବୋଧ ଉତ୍ପନ୍ନ କରିଥାଏ । ଧ୍ୟାନ ମାଧ୍ୟମରେ ହିଁ ତନୁ ମନ ଓ ଚେତନା ମଧ୍ୟରେ ସାମଞ୍ଜସ୍ୟର ଅଖଣ୍ଡତାକୁ ବୁଝିବା ଓ ତାହାକୁ ସାଧିବା ସମ୍ଭବ ହୋଇଥାଏ । ଏହା ଦ୍ୱାରା ଆଧ୍ୟାତ୍ମିକ ବିଶ୍ରାମର ଗଭୀରତାରେ ବୁଡ଼ ପକାଯାଏ ଏବଂ ବ୍ୟକ୍ତି ବିକାର ରୂପୀ ଶତ୍ରୁମାନଙ୍କ କବଳରୁ ମୁକ୍ତ ହେବାରେ ଲାଗେ ତଥା ତା' ମଧ୍ୟରେ ଅନ୍ୟମାନଙ୍କ ଉନ୍ନତି ପ୍ରତି ସହର୍ଷ ସ୍ୱୀକାରର ଭାବ ନିର୍ମିତ ହୋଇଥାଏ ।

ଧ୍ୟାନ କରିବା ବ୍ୟକ୍ତି ପୂର୍ବରୁ ଯେପରି ଥିଲା, ସେପରି ରହେ ନାହିଁ । ଜୀବନ ପ୍ରତି ତା'ର ଦୃଷ୍ଟିକୋଣ ବଦଳି ଯାଏ । ତା' ଭିତରେ ମୈତ୍ରୀଭାବ ଓ କ୍ଷମାଭାବ ବି ଆସିଥାଏ । ଏହା ତାକୁ ଧ୍ୟାନର ଉଚ୍ଚତର ଅବସ୍ଥାକୁ ନେଇଯିବା ଅର୍ଥାତ୍ ସମାଧିରେ ଅବତରଣ କରାଇବାରେ ସହାୟକ ହୋଇଥାଏ ଯଦ୍ୱାରା ପରମାତ୍ମାଙ୍କ ସହିତ ବ୍ୟକ୍ତିର ଗଭୀର ସମ୍ବନ୍ଧ ସ୍ଥାପିତ ହୋଇଥାଏ । ଏହା ବାସ୍ତବିକ ଯୋଗ ଅଟେ । ଧ୍ୟାନୀ ଅନ୍ତର୍ମୁଖୀ ତ ହୋଇଥାଏ କିନ୍ତୁ ସେ ଗମ୍ଭୀର ହୋଇ ନ ଥାଏ । ଏହାର ବିପରୀତ ସେ ଜୀବନର ଲୀଳାକୁ ଖେଳ ଭାବରେ ନେଇଥାଏ । ଏହି ପ୍ରବୃତ୍ତି ତାକୁ ବର୍ତ୍ତମାନରେ ବଞ୍ଚିବାରେ ସାହାଯ୍ୟ କରିଥାଏ, ଯଦ୍ୱାରା ଦ୍ରଷ୍ଟାଭାବ ବିକଶିତ ହୋଇଥାଏ ଏବଂ ବ୍ୟକ୍ତି ସକାଶେ ସ୍ୱୟଂକୁ ଘଟଣାର ସାକ୍ଷୀ ମାତ୍ର ମାନିବା ସହଜ ହୋଇଥାଏ । ଏହା ହେଉଛି ସଭା ଓ ଅହଂକାରରୁ ଊର୍ଦ୍ଧ୍ୱରେ ଆତ୍ମଚୈତନ୍ୟର ଅନ୍ୱେଷଣରେ ତଲ୍ଲୀନ ହେବାର ପରମ ସୂତ୍ର ।

ଯିଏ ବି ଧ୍ୟାନୀ ହେବ, ସେ ଅକାରଣରେ ସନ୍ତୋଷ, ଆନନ୍ଦ ଓ ଶାନ୍ତିରେ ଥିବାର ଦେଖାଯିବ । ଏହାର କାରଣ ହେଉଛି ବିଲକୁଲ ସିଧା ସେ ଅନ୍ୟମାନଙ୍କ ସହିତ ତୁଳନା କରିବା ଛାଡି ଦେବା । ଆମେ ନିଜେ ନିଜ ସହିତ ପରିଚିତ ହେବା ମାତ୍ରେ ଆମେ ବୁଝିଯାଉ ଯେ ଅନ୍ୟ ଲୋକମାନେ ବି ଆମ ପରି ଅଦ୍ୱିତୀୟ । ପୁଣି ତୁଳନା କିପରି ? ଜାଗରଣର ଏହି ଅବସ୍ଥା ସମସ୍ତଙ୍କ ପ୍ରତି ସହଜ ସମ୍ମାନ ଜାଗ୍ରତ କରିଥାଏ । ଆମ ଶରୀରରେ ଶକ୍ତିର ସାତଟି ତଳ ରହିଛି, ଯାହା ମଧ୍ୟରୁ ସବା ତଳେ ଥିବା ତଳକୁ ମୂଳାଧାର ଏବଂ ସବା ଉପର ତଳକୁ ସହସ୍ରାର କୁହାଯାଏ । ପ୍ରକୃତି କେବଳ ମୂଳାଧାର ଚକ୍ରକୁ ସକ୍ରିୟ କରିଥାଏ । ବାକି ସବୁ ଚକ୍ରକୁ ସକ୍ରିୟ କରିବା ପାଇଁ ବ୍ୟକ୍ତିକୁ ପ୍ରୟାସ କରିବାକୁ ପଡିଥାଏ । ଯଦି ବ୍ୟକ୍ତି ପ୍ରୟାସ ନ କରେ ତ ତା'ର ଶକ୍ତି ଆଜୀବନ ମୂଳାଧାର ଚକ୍ରରେ ହିଁ ରହିଯାଏ ଏବଂ ସେ ମୂଳାଧାର ଚକ୍ରରୁ ହିଁ ବିଦା ହୋଇଯାଏ । ଯେହେତୁ ଆମର ସମସ୍ତ ଶକ୍ତି ମୂଳାଧାର ଚକ୍ରରେ ଜମା ହୋଇ ରହିଥାଏ ବା କହିବାକୁ ଗଲେ କୁଣ୍ଡଳୀ ମାରି ବସି ରହିଥା. ସେଥିପାଇଁ ସେଠାରୁ ଶକ୍ତି ଉପରକୁ ଉଠିବାକୁ କୁଣ୍ଡଳିନୀ ଜାଗରଣ କହନ୍ତି । ଧ୍ୟାନର ପୂରା ପ୍ରକ୍ରିୟା ଏହି ସାତଟି ଚକ୍ରକୁ ସକ୍ରିୟ କରିବାର ପ୍ରୟାସ ଅଟେ । କାରଣ ଆନ୍ତରିକ ଜୀବନର ସମୃଦ୍ଧି ଏହା ଦ୍ୱାରା ସମ୍ଭବ । କୁଣ୍ଡଳିନୀ ଜାଗରଣ ହେବା ମାତ୍ରେ ଜୀବନ ଉଜଃର ଅନୁଭବ ସଘନ ହେବାରେ ଲାଗେ ।

ଧ୍ୟାନୀର ଆଜ୍ଞାଚକ୍ର ସକ୍ରିୟ ହୋଇଥାଏ ଯଦ୍ୱାରା ତା ପାଇଁ ଆତ୍ମସ୍ୱାମିତ୍ୱର ଅନୁଭବ କରି ପାରିବା ସହଜ ହୋଇଥାଏ । ଆଜ୍ଞାଚକ୍ରର ସକ୍ରିୟତା ଦ୍ୱାରା ଅତୀନ୍ଦ୍ରିୟ ଜ୍ଞାନର ଦ୍ୱାର ଖୋଲିଥାଏ ଓ ବ୍ୟକ୍ତି ପ୍ରଥମ ଥର ସେହି ଶକ୍ତି ସହିତ ପରିଚିତ ହୋଇଥାଏ, ଯାହାକୁ ବାସ୍ତବିକ ଅର୍ଥରେ ଚମତ୍କାର କୁହାଯାଇ ପାରେ । ତା' ଜୀବନ ପ୍ରେମ, ଶ୍ରଦ୍ଧା, ସ୍ନେହ, କରୁଣା ଭଳି ଶ୍ରେଷ୍ଠ ଭାବନାରେ ଓତପ୍ରୋତ ହୋଇଯାଏ । ଏପରି ବ୍ୟକ୍ତି ଯେତେବେଳେ ବି ବିଦା ହେବ, ଗହନ ଶାନ୍ତି ଓ ସ୍ୱୀକାର୍ଯ୍ୟର ଭାବ ସହିତ ବିଦା ହେବ । ଧ୍ୟାନ ବିଲକୁଲ ନିଃଶୁଳ୍କ । ଏଥିପାଇଁ କୌଣସି ଉପକରଣ ଦରକାର ନାହିଁ । ଧ୍ୟାନକୁ ବୁଝିବା ବିଲକୁଲ ସହଜ । ପିଲା, ଯୁବା, ବୃଦ୍ଧ, ସ୍ତ୍ରୀ ପୁରୁଷ, ଶିକ୍ଷିତ ଅଶିକ୍ଷିତ ସମସ୍ତେ ଏହାକୁ କରି ପାରିବେ । ଯେକୌଣସି ସମୟରେ ଯେକୌଣସି ସ୍ଥାନରେ ଏହାର ଅଭ୍ୟାସ କରାଯାଇ ପାରେ ଏବଂ ଏହା ମାଧ୍ୟମରେ ନିଜର ଚେତନାକୁ ଏକ ନୂତନ ଦିଗ ଦିଆଯାଇ ପାରେ । ଧ୍ୟାନ ଅନ୍ତର୍ଯାତ୍ରା ଅଟେ ଏବଂ ଏହି ଯାତ୍ରା ସେହି ସାଧକମାନେ କରି ପାରନ୍ତି, ଯେଉଁମାନେ ନିଜ ସାଧନାର ପ୍ରଥମ ଚରଣରେ ନିଜର ମାନସିକ ଚେତନାକୁ ସ୍ଥିର, ସୂକ୍ଷ୍ମ ଓ ଶାନ୍ତ କରି ନେଇଥାନ୍ତି । ଅନୁଭବର ସତ ହେଉଛି ମାନସିକ ଚେତନାର ସ୍ଥିରତା, ସୂକ୍ଷ୍ମତା ଓ ଶାନ୍ତି ହିଁ ପ୍ରକାରାନ୍ତରେ ପରାମାନସିକ ଚେତନାର ଅନୁଭୂତି ଅଟେ । ଏହି ଅନୁଭୂତିରେ ବ୍ୟାପକତା ଓ ଗୁଣବତ୍ତାର ସମ୍ବେଦନାର ଅତିବିସ୍ତାର ହୋଇଥାଏ, ତା ସହିତ ଏହାକୁ ପାଇଗଲେ ଅନ୍ତଶ୍ଚେତନା ସ୍ୱତଃ ଊର୍ଦ୍ଧ୍ୱଗମନ ହେତୁ ପ୍ରେରିତ ହୋଇଥାଏ ।

## ପୁଦିନା ପତ୍ରର ଫାଇଦା



**ଖା**ଦ୍ୟର ସ୍ୱାଦ ବଢ଼ାଇଥାଏ ପୁଦିନା ପତ୍ର । ସ୍ୱାସ୍ଥ୍ୟପାଇଁ ଏହା ବେଶ ଫଳପ୍ରଦ । ଏଥିରେ ଥିବା ଭିଟାମିନ୍ 'ଏ' ନାନା ରୋଗରୁ ଶରୀରକୁ ରକ୍ଷା କରିଥାଏ । ଶୁଖା ପୁଦିନା ପତ୍ରକୁ ଗୁଣ୍ଡ କରି ଦାନ୍ତ ମୂଳରେ ଦେଲେ ବିନ୍ଧା ଉପଶମ ହେବା ସହିତ ପାଟିରୁ ଦୁର୍ଗନ୍ଧ ଦୂର ହୋଇଥାଏ । ପୁଦିନାକୁ ଗୁଣ୍ଡ କରି ମୁହଁରେ ଲଗାନ୍ତୁ । କିଛି ସମୟ ରଖିବା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଯଦ୍ୱାରା ଚେହେରା ଉଜ୍ୱଳ ହେବା ସହିତ ବ୍ରଣ ମଧ ହୋଇ ନଥାଏ ।

## ଟିକିଏ ହସନ୍ତୁ

ପପୁ : ସାଙ୍ଗ ମୁଁ ରାତି ସାରା ଶୋଇ ପାରିନି ।
ରାଜୁ : କ'ଣ ହେଲା କି ?
ପପୁ : ରାତି ସାରା ଭାବୁଥିଲି ଏ ଜୀବନ ତ ମାତ୍ର ଚାରି ଦିନର । ହେଲେ ମୁଁ ଇଣ୍ଟରନେଟ୍ ପ୍ୟାକ୍ ୩୦ ଦିନର ପକେଇ ଦେଇଛି ।

× × × ×

ଅଜୟ : ଭାଇ, ଦେଖିବାକୁ ଗଲେ ଆମେ ମୋଟା ନୁହଁନ୍ତି ବରଂ ବନ୍ୟାଗ୍ରସ୍ତ ଅଛନ୍ତି ।
ବିଜୟ : କେମିତି ?
ଅଜୟ : ଆମ ଶରୀରରେ ୭୦% ପାଣି ଅଛି ନା ।

× × ×



ଶିକ୍ଷକ : ଝିଟିପିଟି କାହାକୁ କହନ୍ତି ?
ଚିଣ୍ଟୁ : ଝିଟିପିଟି ଗୋଟିଏ ଗରିବ କୁମ୍ଭୀର । ଯାହାକୁ ଗୋଟିଏ ବେଳେ ବର୍ଣ୍ଣଭିଟା ମିଳି ନ ଥିଲା । ସେଥିପାଇଁ ସେ କୁପୋଷଣର ଶିକାର ହୋଇଛି ।

× × × ×

ବାପା ଓ ପୁଅ କାରରେ ଯିବା ସମୟରେ କଥା ହେଉଥିଲେ ।
ପୁଅ : ବାପା ଅଧିକ ମଦ ପିଇବା ପରେ କ'ଣ ହୁଏ ?
ବାପା : ପୁଅ ସାମ୍ନାରେ ଯେଉଁ ୪ ଟି ଗଛ ଦେଖୁଛି ସେ ୮ଟି ଦେଖାଯିବ ।
ପୁଅ : ଚିତ୍କାର କରି : ଆରେ ଗାଡି ରଖ । ସେଠି ୪ ଟି ନୁହଁ, ଦୁଇଟି ଗଛ ଅଛି ।

× × × × × × ×

ସ୍ୱାମୀ କ୍ଷୀର ପିଇବା ବେଳେ : ଛି ! କ୍ଷୀର ଏମିତି କ'ଣ ଲାଗୁଛି ?
ସ୍ତ୍ରୀ : କେଶର ସରିଯାଇଥିଲା । ତମେ ତ କେଶର ମିଶା କ୍ଷୀର ହିଁ ପିଅ । ସେଥିପାଇଁ ତୁମ ପକେଟରୁ କେଶରଯୁକ୍ତ ପାନ ମସଲା ଆଣି କ୍ଷୀରରେ ପକେଇଦେଲି । କାହିଁକି ନା ତା'ର ଆଡଭଟାଇଜରେ ପରା ଦେଖାଏ : ଇକେ ଦାନେ ଦାନେ ମେଁ ହେଁ କେଶର କା ଦମ୍ ।

× × × × × ×

ସ୍ୱାମୀ ସ୍ତ୍ରୀକୁ : ମୁଁ ଗୋଟେ ଫିଲ୍ମ କରିବାକୁ ଚାହୁଁଛି ତମେ ସେଥିରେ ହିରୋଇନ୍ ହେବକି ?
ସ୍ତ୍ରୀ : ପ୍ରଥମ ସିନ୍ କ'ଣ ହେବ ?
ସ୍ୱାମୀ : ତୁମକୁ ଧୀରେ ଧୀରେ ପାଣିକୁ ଯିବାକୁ ହେବ ।
ସ୍ତ୍ରୀ : ଓଃ ଠିକ୍ ଅଛି । ହେଲେ ଫିଲ୍ମ ନାଁ କ'ଣ ?
ସ୍ୱାମୀ : ଗୟି ଭୈସଁ ପାନି ମେଁ... ।

ବର୍ଷ ୨୫, ସଂଖ୍ୟା-୨୩, ୦୪ - ୧୦ ଜୁଲାଇ ୨୦୨୧

# କାନ୍ଦୁଛି ହାଣ୍ଡିଶାଳ

**ଗ**ତ ୧୬ ମାସ ଭିତରେ ବଦଳି ଯାଇଛି ସାଧାରଣ ଖାଉଟିର ଘରୋଇ ବଜେଟ୍ । କରୋନା ମହାମାରୀ କାଳରେ ଉପାର୍ଜନ ହ୍ରାସ ଯୋଗୁଁ ଗରିବ ଓ ନିମ୍ନ ମଧବିତ୍ତ ପରିବାର ବ୍ୟତିବ୍ୟସ୍ତ ହୋଇ ପଡିଥିବା ବେଳେ 'ମହଙ୍ଗା' ମାଡ଼ ଲୋକଙ୍କୁ ଭାରି ବାଧୁଛି । ମହାମାରୀର କଟକଣା ଯୋଗୁଁ ଚାକିରୀ, ପାଇଟି, ବେପାର ବଣିଜ ବନ୍ଦ । ଏହାରି ମଧରେ ଜୀବନ ଯାକର ସଞ୍ଚିତ ଅର୍ଥ ଆଉ ଧାର କରଜରେ ପେଟ ପୋଷିବାକୁ ସଂଘର୍ଷ କରୁଛନ୍ତି ଦିନ ମଜୁରିଆ ଓ ଖଟିଖିଆ । ନିମ୍ନ ମଧବିତ୍ତ ଓ ମଧବିତ୍ତଙ୍କ ସ୍ଥିତି ମଧ ଅନୁରୂପ । ଏହି ସ୍ଥିତିରେ କରୋନା ମାଡ଼ ଅପେକ୍ଷା ବେଶୀ ବାଧୁଛି ମହଙ୍ଗା ମାଡ଼ । ତେଲଠୁ ଆରମ୍ଭ କରି ଡାଲି, ଅଟା ପର୍ଯ୍ୟନ୍ତ ସବୁ ମହଙ୍ଗା । ରନ୍ଧନ ଗ୍ୟାସ୍ ବା ଏଲପିଜି ଦର ତ ୬ ବର୍ଷରେ ଦି'ଗୁଣ ହେଲାଣି । ଏସବୁରୁ ବାଦ୍ ପଡିନି ପନିପରିବା ଦର । ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମରେ ଏଭଳି ଅହେତୁକ ବୃଦ୍ଧି ଖାଉଟିଙ୍କ ପେଟରେ ଲାତ ମାରିଛି । ଯା ଭିତରେ ପୁଣି ଔଷଧ ମୂଲ୍ୟ ବର୍ଷକ ମଧରେ ପାଖାପାଖି ୨୦% ରୁ ୩୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି ।


ଦେଶରେ ବଢ଼ିବାରେ ଲାଗିଛି ପେଟ୍ରୋଲ ଏବଂ ଡିଜେଲ ଦର । ରାଜ୍ୟର ଅଧିକାଂଶ ସହରରେ ଏବେ ପେଟ୍ରୋଲ ଦର ଲିଟର ପିଛା ୧୦୦ ଟଙ୍କା ଅତିକ୍ରମ କରିଛି । ଇତି ମଧରେ ଡିଜେଲ ଦର ମଧ ଶହେ ପାର କରିଗଲାଣି । ଡିଜେଲ ମହଙ୍ଗା ହେବା ଯୋଗୁଁ ପରିବହନ କ୍ଷେତ୍ରରେ ଭଡ଼ା ବଢ଼ିବାରେ ଲାଗିଛି । ଏଥିଯୋଗୁଁ ନିତ୍ୟ ବ୍ୟବହୃତ ଅତ୍ୟାବଶ୍ୟକ ସାମଗ୍ରୀ ଦର ଦିନକୁ ଦିନ ବଢ଼ିଚାଲିଛି । ଯେମିତିକି ଖାଇବା ତେଲ ମୂଲ୍ୟ ବର୍ଷକ ମଧରେ ଦି'ଗୁଣା ହୋଇଛି । ବଜାରରେ ସୋରିଷ ତେଲ ଲିଟର ପିଛା ୨୦୦ ଟଙ୍କାରେ ପହଞ୍ଚିଗଲାଣି । ବର୍ଷକ ମଧରେ ହରଡ଼ ଡ଼ାଲି ଦର ଦେଢ଼ଗୁଣା ହୋଇଥିବା ବେଳେ ମଟର କିଲୋ ୩୦% ବଢ଼ିଛି । ଏତିକି ବେଳକୁ ପନିପରିବାର ଆକାଶଛୁଆଁ ଦର ଖାଉଟିଙ୍କ ଉପରେ 'ବେଡି ଉପରେ କୋରଡା ମାଡ଼' ସଦୃଶ । ଏବେ ପ୍ରାୟ ସବୁ କଞ୍ଚା ପନିପରିବା ଦର ହାରାହାରି କିଲୋ ପିଛା ୮୦ ଟଙ୍କା ଉପରେ ରହିଛି । ବାଇଗଣ କିଲୋ ୪୦ ଟଙ୍କା ପୋଟଳ ୫୦ ଟଙ୍କା, ବିନ୍ସ ୧୪୦ ଟଙ୍କା, କଲରା ୬୦ ଟଙ୍କା ଏବଂ ଝୁଡଙ୍ଗ କିଲୋ ୯୦ ଟଙ୍କା ଓ ପିଆଜ କିଲୋକୁ ୩୦ ଟଙ୍କାରେ ବିକ୍ରି ହେଉଛି । ସେହିପରି ରନ୍ଧନ ଗ୍ୟାସ୍ ମୂଲ୍ୟ ପାଖାପାଖି ୮୫୦ ଟଙ୍କା ନିକଟତର ହେବା ଖାଉଟିଙ୍କ ଶିରପୀଡ଼ା ହୋଇଛି ଗତବର୍ଷ ନଭେମ୍ବର ଠାରୁ ଦର କ୍ରମାଗତ ଭାବେ ବଢ଼ିଚାଲିଛି । ତେଜରାତି ସାମଗ୍ରୀ ଦର କେତେକ ସ୍ଥାନରେ ବୃଦ୍ଧି ଘଟିଛି । ଖାଇବା ତେଲ ଦର ଏବେ ଲିଟର ପିଛା ୧୦ ଟଙ୍କା କମିଥିଲେ ବି ଗତବର୍ଷ ତୁଳନାରେ ୧୧୦ ପ୍ରତିଶତରୁ ଅଧିକ ବଢ଼ିଛି । ସବୁ ଦର ବୃଦ୍ଧି କେବଳ କର୍ପୋରେଟ ସଂସ୍ଥାଗୁଡିକର ମନମାନୀ ଯୋଗୁଁ ହେଉଛି । ଏସବୁ ଉପରେ ସରକାର ତୁରନ୍ତ ନିୟନ୍ତ୍ରଣ ଲାଗୁ କରିବା ଜରୁରୀ ।

ବଜାର ସହ ତାଳ ଦେଇ ଔଷଧ ଦର ମଧ ବଢ଼ିବାରେ ଲାଗିଛି । ଭିଟାମିନ୍, ଆଣ୍ଟିବାୟୋଟିକ୍ସ, ପିପିଆଇ ଏବଂ ଯନ୍ତ୍ରଣା ନିବାରକ ଭଳି ଅତିଜରୁରୀ ଔଷଧ ସାମଗ୍ରୀ ମୂଲ୍ୟ ବର୍ଷକ ମଧରେ ପ୍ରାୟ ୨୦% ରୁ ୩୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ବିଶେଷ ଭାବରେ କରୋନା ପୀଡ଼ିତଙ୍କ ଚିକିତ୍ସାରେ ବ୍ୟବହୃତ ଔଷଧ ମୂଲ୍ୟ ଅହେତୁକ ଭାବରେ ବଢ଼ିଛି । ଔଷଧ ସାମଗ୍ରୀ ଦର ନ୍ୟାସନାଲ ଫାର୍ମାସ୍ୟୁଟିକାଲ ପ୍ରାଇସିଂ ଅଥରିଟି ନିର୍ଦ୍ଧାରିତ କରିଥାଏ । ନିୟମାନୁଯାୟୀ, କମ୍ପାନୀଗୁଡିକ ବର୍ଷକୁ ଅତି ବେଶୀରେ ୧୦% ଦରବୃଦ୍ଧି କରିପାରିବେ । ତେବେ ଏହା ମଧରେ ବର୍ଷକ ମଧରେ ଏନପିପିଏ ଔଷଧ ସାମଗ୍ରୀ ଦର ବୃଦ୍ଧି ଘଟାଇ ନାହିଁ । ତେବେ କେତେକ କମ୍ପାନୀ ମନଇଚ୍ଛା ଦରବୃଦ୍ଧି କରି ଏଭଳି ପରିସ୍ଥିତି ସୃଷ୍ଟି କରିଛନ୍ତି ।

କରୋନା ମହାମାରୀ ଯୋଗୁଁ ଦରବୃଦ୍ଧି ସାଙ୍ଗକୁ ଲୋକଙ୍କ ଜୀବିକା ଯାଇଛି । ଗରିବ ଆହୁରି ଗରିବ ହୋଇ ଯାଇଛି । ସମଗ୍ର ବିଶ୍ୱରେ ଏଭଳି ଚିତ୍ର ଦେଖିବାକୁ ମିଳୁଛି । ବିଶ୍ୱ ଖାଦ୍ୟଦର ଦଶକ ମଧରେ ସର୍ବୋଚ୍ଚ ସ୍ତରରେ ପହଞ୍ଚି ଯାଇଛି । କରୋନା ଫାଶରେ ଛନ୍ଦି ହୋଇଥିବା ଦୁର୍ବଳ ରାଷ୍ଟ୍ରଗୁଡିକର ଚିନ୍ତାକୁ ଏହା ବହୁଗୁଣିତ କରିଛି । ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ ଆଶଙ୍କା ପ୍ରକାଶ କରିଛି ଯେ, ଖାଦ୍ୟ ଦର ବୃଦ୍ଧି ଦ୍ୱାରା ଆଗକୁ ବିଦ୍ରୋହ କିମ୍ବା ଦଙ୍ଗା ପରିସ୍ଥିତିକୁ ବି ଏଡାଇ ଯାଇ ପାରିବ ନାହିଁ । ରାଜନୈତିକ ଅସ୍ଥିରତା ମଧରେ ଥିବା ଦେଶ ଗୁଡିକରେ ସାମାଜିକ ଅଶାନ୍ତି ଆହୁରି ତୀବ୍ରତର ହେବ । ଏଫଏଓ ଅନୁସାରେ ବିଶ୍ୱର ଗରିବ ବର୍ଗଙ୍କୁ ବର୍ଦ୍ଧିତ ଖାଦ୍ୟ ଦର ଭୟଙ୍କର ଭାବେ ପ୍ରଭାବିତ କରିଛି । ମହାମାରୀ ମଧରେ ଜୀବନ ଜିଇଁବା ପାଇଁ ଲଢ଼େଇ କରୁଥିବା ଅତି ଗରିବଙ୍କ ପାଇଁ ଏବେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି ।

# ଶିକ୍ଷାଦାନର ମାଧମ

## ମହାତ୍ମା ଗାନ୍ଧୀ



**ଯେ**ଉଁମାନେ ଅଧ୍ୟୟନ ସମାପ୍ତ କଲେଣି, କେବଳ ସେହିମାନେ ହିଁ ଆନ୍ଦୋଳନ କରିପାରିବେ । ଅଧ୍ୟୟନ ସମୟରେ ଆପଣାର ଜ୍ଞାନରେ ବୃଦ୍ଧିସାଧନ କରିବା ହିଁ ଛାତ୍ରମାନଙ୍କର ଏକମାତ୍ର କାର୍ଯ୍ୟ ହେବା ଉଚିତ । ଯେକୌଣସି ଦେଶରେ ଦିଆ ଯାଉଥିବା ଶିକ୍ଷା ପ୍ରକାଶ୍ୟ ଭାବରେ, ତାହା ଯେଉଁ ଦେଶରେ ଦିଆଯାଉଛି, ସେହି ଦେଶର ପ୍ରଗତିର ବୃଦ୍ଧିସାଧନ ଲାଗି ଅବଶ୍ୟ ନିୟୋଜିତ ହୋଇପାରିବା ଉଚିତ ।

ଛାତ୍ରମାନେ ସର୍ବୋପରି ନମ୍ର ଓ ଶୁଦ୍ଧ ହେବେ । ଆହୁରି ଅଧିକ ବୃହତ୍ ହେବାକୁ ହେଲେ ବୃହତ୍ତମକୁ ମଧ ସ୍ୱଇଚ୍ଛାରେ ନିମ୍ନତମ ହେବାକୁ ପଡିବ । ହିନ୍ଦୁ ଧର୍ମବିଶ୍ୱାସ ସମ୍ବନ୍ଧରେ ରହିଥିବା ମୋ'ର ଜ୍ଞାନକୁ ଆଧାର କରି ଯଦି ମୋତେ କହିବାକୁ ପଡ଼େ, ଜଣେ ଛାତ୍ରର ଜୀବନ ତା'ର ଅଧ୍ୟୟନ କାଳଟି ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଜଣେ ସନ୍ନ୍ୟାସୀର ଜୀବନଭଳି ହୋଇ ରହିପାରିବା ଉଚିତ । ସେ ନିଜକୁ କଠୋରତମ ଶୃଙ୍ଖଳା ମଧରେ ରଖିଥିବା ଉଚିତ । ତା'ର ବିବାହ କରିବା ଉଚିତ ନୁହେଁ, ଦୁର୍ବ୍ୟସନରେ ମଧ ମନ ଦେବା ଉଚିତ ନୁହେଁ । ସୁରାପାନ ବା ବାତୁଲ୍ୟ ଅନ୍ୟାନ୍ୟ ଅଭ୍ୟାସରୁ ଦୂରରେ ରହିବା ଉଚିତ । ତା'ର ଆଚରଣ ଆଦର୍ଶ ଆତ୍ମସଂଯମର ଏକ ନିଦର୍ଶନ ହୋଇ ରହିବା ଉଚିତ ।

ଏକ ମିଛ ଧାରଣାର ବଶବର୍ତ୍ତୀ ହୋଇ ଭାରତୀୟମାନଙ୍କୁ ଅଭାରତୀୟ କରି ପକାଉଥିବା ଏକ ଶିକ୍ଷାଦ୍ୱାରା କୋଟି କୋଟି ଲୋକଙ୍କ ପ୍ରତି ଉତ୍ତରୋତ୍ତର ଭାବରେ ଲଗାଏତ ଯେଉଁ ଅନ୍ୟାୟ କରାଯାଉଛି, ମୁଁ ପ୍ରତ୍ୟହ ହିଁ ତାହାର ପ୍ରମାଣ ଦେଖିବାକୁ ପାଉଛି ।

ଆମେ ଏପରି ଏକ ଧାରଣାର ବଶବର୍ତ୍ତୀ ହୋଇ ପଡିଥିବା ପରି ବୋଧ ହେଉଛି ଯେ, ଇଂରାଜୀ ନଜାଣିଲେ କେହି ଜଣେ ବୋସଙ୍କ ଭଳି ହୋଇ ପାରିବା ନାହିଁ । ଏହାଠାରୁ ଅଧିକ ଭ୍ରାନ୍ତ କୌଣସି ଅନ୍ଧବିଶ୍ୱାସ ପ୍ରକୃତରେ ଆଉକିଛି ରହିଛି ବୋଲି ମୁଁ ଭାବି ପାରୁନାହିଁ । ଆମେ ନିଜକୁ ଯେପରି ଅସହାୟ ବୋଲି ଅନୁଭବ କରୁଛୁ, ଜାପାନର କୌଣସି ଅଧିବାସୀ କେବେହେଲେ ସେପରି ଅନୁଭବ କରେନାହିଁ ।

ଯେକୌଣସି ମୂଲ୍ୟ ଦେଇ ମଧ ଶିକ୍ଷାଦାନର ମାଧମକୁ ସଙ୍ଗେ ସଙ୍ଗେ ବଦଳାଇ ଦେବାକୁ ହେବ ଏବଂ ପ୍ରାଦେଶିକ ଭାଷାଗୁଡିକୁ ସେମାନଙ୍କର ନ୍ୟାଯ୍ୟ ସ୍ଥାନଟିକୁ ଦିଆଯିବ । ବର୍ତ୍ତମାନ ପ୍ରାୟ ପ୍ରତିଦିନ ଯେଉଁ ସାଂଘାତିକ କ୍ଷତି ଉତ୍ତରୋତ୍ତର ବଢ଼ି ଚାଲିଛି, ଉଚ୍ଚ ଶିକ୍ଷାର କ୍ଷେତ୍ରରେ ମୁଁ ତାହା ଅପେକ୍ଷା ସାମୟିକ ଭାବରେ ଏକ ଅରାଜକତାକୁ ଅଧିକ ପସନ୍ଦ କରିବି ।


ପ୍ରାଦେଶିକ ଭାଷାଗୁଡିକର ସ୍ଥାନ ତଥା ବଜାରମୂଲ୍ୟକୁ ବୃଦ୍ଧି କରିବାକୁ ହେଲେ, ଯେଉଁ ନ୍ୟାୟାଳୟମାନ ରହିଛି, ସେଠାରେ ମଧ ପ୍ରାଦେଶିକ ଭାଷାମାନେ କଚେରୀ ଭାଷା ହେଉ ବୋଲି ମୁଁ ଇଚ୍ଛା କରିବି । ପ୍ରାଦେଶିକ ବିଧାନସଭା ଗୁଡିକର କାର୍ଯ୍ୟ ସେହି ପ୍ରଦେଶର ଭାଷାରେ ହିଁ ପରିଚାଳିତ ହେବା ଉଚିତ ଏବଂ ଯେଉଁସବୁ ପ୍ରଦେଶର ଏକାଧିକ ଭାଷା ରହିଛି, ସେଠାରେ ଏକାଧିକ ଭାଷାରେ ମଧ ଚାଲିବା ଉଚିତ । କେନ୍ଦ୍ରରେ ହିନ୍ଦୁସ୍ଥାନୀ ହିଁ ଏକମାତ୍ର ମାଧମ ହୋଇ ରହିବ ।

ମୋ' ମତରେ ବିଦ୍ୱତ୍ ପରିଷଦର ବ୍ୟକ୍ତିମାନଙ୍କର ଏହି ପ୍ରଶ୍ନଟିର ନିଷ୍ପତ୍ତି କରିବା ଆଦୌ ଉଚିତ ହେବନାହିଁ । ଯେତେବେଳେ ଏହି ଦେଶ ପ୍ରକୃତରେ ସ୍ୱାଧୀନ ହେବ, ସେତେବେଳେ କେବଳ ଗୋଟିଏ ପ୍ରକାରେ ହିଁ ମାଧମ ବିଷୟକ ଏହି ପ୍ରଶ୍ନଟିର ସମାଧାନ କରାଯିବ । ସେହି ଅନୁସାରେ ହିଁ ବିଦ୍ୱାନମାନେ ପାଠ୍ୟକ୍ରମ ତିଆରି କରିବେ ଏବଂ ପାଠ୍ୟପୁସ୍ତକ ଗୁଡିକୁ ଲେଖିବେ । ସ୍ୱାଧୀନ ଭାରତର ଶିକ୍ଷାବ୍ୟବସ୍ଥାରେ ଯେଉଁମାନେ ଶିକ୍ଷା ପାଇ ବାହାରିବେ, ସେହିମାନେ ହିଁ ଦେଶର ପ୍ରୟୋଜନଗୁଡିକର ଯଥାର୍ଥ ଜବାବ ଦେବେ । ଆମେ ଶିକ୍ଷିତ ଶ୍ରେଣୀମାନେ ଯେ ପର୍ଯ୍ୟନ୍ତ ଏହି ପ୍ରଶ୍ନଟିକୁ ନେଇ ଖେଳିବାରେ ଲାଗିଥିବା, ସେ ପର୍ଯ୍ୟନ୍ତ ମୋ'ର ବହୁ ପରିମାଣରେ ଏହି ଭୟଟି ରହିଥିବ ଯେ, ଆମେ ଆମ ସ୍ୱପ୍ନର ସ୍ୱାଧୀନ ଏବଂ ସୁସ୍ଥ ଭାରତବର୍ଷଟିକୁ କଦାପି ସମ୍ଭବ କରି ପାରିବା ନାହିଁ । ଆମକୁ ପ୍ରାଣପଣେ ଉଦ୍ୟମ କରି ଆମର ଏହି ଦାସତ୍ୱ ମଧରୁ ବାହାରି ଆସିବାକୁ ପଡିବ ସେହି ବନ୍ଧନ ଶିକ୍ଷାଗତ, ଅର୍ଥନୈତିକ, ସାମାଜିକ ଅଥବା ରାଜନୀତିକ ଯାହା ହୋଇଥାଉ ପଛକେ, ସେଥିରୁ ବାହାରି ଆସିବାକୁ ପଡିବ । ଏହି ଉଦ୍ୟମଟିକୁ ହିଁ ଯୁଦ୍ଧଟିର ତିନିଚତୁର୍ଥାଂଶ ବୋଲି କୁହାଯିବ ।

ଏହି ବିଷୟରେ ମୋ'ର ଏତେ ଟିକିଏ ହେଲେ ସନ୍ଦେହ ନାହିଁ ଯେ, ଯୁବଶକ୍ତିର ଶିକ୍ଷାଦାୟିତ୍ୱରେ ରହିଥିବା ବ୍ୟକ୍ତିମାନେ ଯଦି ମନ ସ୍ଥିର କରି ନେଇ ପାରିବେ, ତେବେ ସେମାନେ ଶିଶୁର ଶାରୀରିକ ବିକାଶ ନିମନ୍ତେ ଆମାର କ୍ଷୀର ଯେତିକି ସ୍ୱଭାବିକ, ମନୁଷ୍ୟର ମାନସିକ ବିକାଶ ନିମନ୍ତେ ମାତୃଭାଷା ମଧ ସେତିକି ସ୍ୱାଭାବିକ ବୋଲି ଅବଶ୍ୟ ଆବିଷ୍କାର କରିବେ । ଏକଥା ଆଉ ଅନ୍ୟ ପ୍ରକାରେ କିପରି ହୋଇ ପାରନ୍ତା ? ଗୋଟିଏ ଶିଶୁ ତାର ମାଆ ପାଖରୁ ହିଁ ତା'ର ପ୍ରଥମ ଶିକ୍ଷା ଲାଭ କରିଥାଏ । ତେଣୁ ପିଲାମାନଙ୍କର ମାନସିକ ବିକାଶ ସକାଶେ ସେମାନଙ୍କର ନିଜ ଭାଷାକୁ ଗ୍ରହଣ ନ କରି ଆଉ ଗୋଟିଏ ଭାଷାକୁ ଯେ ଲଦି ଦିଆଯାଉଛି, ମୁଁ ତାହାକୁ ମାତୃଭୂମି ବିରୋଧରେ ଏକ ପାପ ବୋଲି ହିଁ ବିଚାର କରୁଛି ।

# ପୂଜା

## ଗୋପୀନାଥ ଷଡ଼ଙ୍ଗୀ



**ଭ**କ୍ତି ଏବଂ ମାନ୍ୟତାର ସମ୍ମିଶ୍ରଣ ପୂଜା ଅଟେ । ଆମେ ଜଣକୁ ବିଶ୍ୱାସ କଲେ ମାନ୍ୟତା ଦେଇଥାଉଁ । ବିଶ୍ୱାସ ତା ବିଷୟରେ ଜାଣିଲେ ଜାତ ହୁଏ । ଜ୍ଞାନ ଦ୍ୱାରା ଆମେ ବ୍ୟକ୍ତି ବିଷୟରେ ଜାଣୁ । ତାପରେ ଭକ୍ତି ଏବଂ ମାନ୍ୟତା ତାହାଙ୍କୁ ପ୍ରଦାନ କରୁଁ । ଭଗବାନଙ୍କ ମହାନତା ଜାଣିଲେ ଯାଇ ଭଗବାନଙ୍କ ପ୍ରତି ଭକ୍ତି ଉଦ୍ରେକ ହେବ । ଆମେ ଭଗବାନଙ୍କୁ ଯଦି ପାର୍ଥିବ ପଦାର୍ଥ ମାଗିବା ତେବେ ଆମେ ପାର୍ଥିବ ପଦାର୍ଥ ପାଇବା । ଭଗବାନଙ୍କୁ ପାଇ ପାରିବା ନାହିଁ । ଏଣୁ ଆମେ ଭଗବାନଙ୍କୁ ଜ୍ଞାନ ମାଗିବା ଉଚିତ । ପ୍ରାର୍ଥନା କରିବା ଉଚିତ, ହେ ଭଗବାନ ! ମୋତେ ଏପରି ଜ୍ଞାନ ଦିଅ ଯାହା ଦ୍ୱାରା ମୁଁ ଆପଣଙ୍କୁ ମୋର ଶରୀର ଭିତରେ ଅନୁଭବ କରି ଆପଣଙ୍କ ଠାରେ ଲୀନ ହୋଇ ପାରିବି ।

ଅନେକ ଭକ୍ତ ଭଗବାନଙ୍କୁ ଅନେକ ମିଷ୍ଟାନ୍ନ ସାମଗ୍ରୀ ପ୍ରଦାନ ପୂର୍ବକ ପୂଜା କରି ଅନେକ ଜିନିଷ ମାଗି ଚାଲିଛନ୍ତି । ଫଳରେ ସେମାନେ ଯଦି ନ ପାଇଲେ ସେମାନଙ୍କର ଭଗବାନଙ୍କ ପ୍ରତି ନାସ୍ତିକ ଭାବ ସୃଷ୍ଟି ହେଉଛି । ଯଦି ସେମାନେ ଭଗବାନଙ୍କ ମହାନତାକୁ ଜାଣିବାକୁ ଚେଷ୍ଟା କରିବେ ତେବେ ସେମାନଙ୍କର ମନ ଭଗବାନଙ୍କ ଠାରେ ଯୁକ୍ତ ହେବ । ସେମାନେ ମାଗିବା ବିଷୟ ପରିବର୍ତ୍ତେ ଭଗବାନଙ୍କୁ ଜାଣି ନିଜେ ଭଗବାନ ହୋଇ ଭଗବାନଙ୍କ ଠାରେ ଲୀନ ହୋଇ ପାରିବେ । ଅହଂ ବ୍ରହ୍ମସ୍ମି ଭାବ ଜାଗ୍ରତ ହେବ । ଏହା ହିଁ ଭଗବାନଙ୍କ ପ୍ରକୃତ ପୂଜା ଅଟେ ।

**ନବ ପ୍ରଶାସନିକ କଲୋନୀ,**
**ପ୍ରଧାନପଡ଼ା, ସମ୍ବଲପୁର**

## ସ୍ୱାସ୍ଥ୍ୟ ପାଇଁ ଭଲ ଅଖରୋଟ୍

ଅଖରୋଟ୍ କେବଳ ହୃତପିଣ୍ଡ ପାଇଁ ହିତକର ନୁହେଁ, ମସ୍ତିଷ୍କ ପାଇଁ ମଧ ଖୁବ୍ ଭଲ । ବୟସ୍କଙ୍କ ବୋଧଶକ୍ତି ଅକ୍ଷୁର୍ଣ୍ଣ ରଖିବାରେ ଅଖରୋଟ ସାହାଯ୍ୟ କରେ ବୋଲି ସଦ୍ୟ ଅଧ୍ୟୟନରୁ ଜଣାପଡିଛି । ଅଧ୍ୟୟନ ଅନୁସାରେ ପୌଢ଼ାବସ୍ଥାରେ ଅଖରୋଟ ଖାଇବା ଦ୍ୱାରା ଧୀ ସମ୍ବନ୍ଧୀୟ ପତନ ଧୀମା ହୋଇପାରେ । ଆମେରିକୀୟ ପତ୍ରିକା କ୍ଲିନିକାଲ ନ୍ୟୁଟ୍ରିସନରେ ଅଧ୍ୟୟନଟି ପ୍ରକାଶ ପାଇଛି ।



ଗବେଷଣାରୁ ଜଣାପଡିଲା, ଦୁଇ ବର୍ଷ ମଧରେ ଅଖରୋଟ ଖାଇଥିବା ବୟସ୍କଙ୍କ ସ୍ମୃତି ସମ୍ବନ୍ଧୀୟ କାର୍ଯ୍ୟକଳାପରେ ଅଳ୍ପ ପ୍ରଭାବ ପଡିଥିଲା । କିନ୍ତୁ ଯେଉଁ ବୟସ୍କମାନେ ଧୂମପାନ କରିଥିଲେ ଏବଂ ସ୍ନାୟବିକ ପରୀକ୍ଷାରେ ଦୁର୍ବଳ ଥିଲେ, ସେମାନଙ୍କ ଠାରେ ଅଖରୋଟର ପ୍ରଭାବ ବହୁତ ଭଲ ଜଣାପଡିଲା । ଏହି ଫଳାଫଳ ସେତେ ବଡ଼ ଧରଣର ନ ଥିଲା, କିନ୍ତୁ ଦୀର୍ଘ ସମୟ ଧରି ଏ ନେଇ ଗବେଷଣା କରାଗଲେ ଆହୁରି ଭଲ ନିଷ୍କର୍ଷ ବାହାରିବେ ବୋଲି ଏହାର ଅଧ୍ୟୟନକର୍ତ୍ତା ଆମେରିକାର ଲୋମା ଲିଣ୍ଡା ୟୁନିଭର୍ସିଟିର ଜୋନ ସାବେତ୍ କହିଛନ୍ତି । ଗବେଷକମାନେ ଲୋମା ଲିଣ୍ଡା, କାଲିଫର୍ଣ୍ଣିଆ, ଆମେରିକା, ବାର୍ସେଲୋନା, କାଟାଲୋନିଆ ଓ ସ୍ପେନର ପ୍ରାୟ ୬୪୦ ବୟସ୍କଙ୍କୁ ପରୀକ୍ଷା କରିଥିଲେ । ତନ୍ମଧ୍ୟରୁ ଗୋଟିଏ ଦଳକୁ ୨ ବର୍ଷ ଧରି ଅଖରୋଟ ଖାଇବାକୁ ଦିଆଯାଇଥିଲା । ଅନ୍ୟ ଦଳକୁ ଅଖରୋଟ ଠାରୁ ଦୂରରେ ରଖାଗଲା । ଅଖରୋଟରେ ଓମେଗା -୩ ଫ୍ୟାଟି ଏସିଡ୍ ଓ ପଲିଫେନଲ ରହିଛି, ଯାହା ଧୀ ସମ୍ବନ୍ଧୀୟ ପତନ ପାଇଁ ଦାୟୀ ଅବସାଦ, ଚାପ ଆଦିଠୁ ବ୍ୟକ୍ତିକୁ ଦୂରରେ ରଖେ ବୋଲି ପୂର୍ବ ଅଧ୍ୟୟନରୁ ସ୍ପଷ୍ଟ ହୋଇଛି । ବୋଧଶକ୍ତି ଉପରେ ଅଖରୋଟର ପ୍ରଭାବ ସମ୍ପର୍କିତ ଏହି ପରୀକ୍ଷା ବେଶ ସନ୍ତୁଳିତ ଓ ସଠିକ୍ ବୋଲି ଅଧ୍ୟୟନର ଗବେଷକମାନେ ସ୍ପଷ୍ଟ କରିଛନ୍ତି । ଅଖରୋଟର କୋଲେଷ୍ଟେରଲ ହ୍ରାସକାରୀ ପ୍ରଭାବ ରହିଛି । ରକ୍ତରେ କୋଲେଷ୍ଟେରଲ ମାତ୍ରା ମଧ ହ୍ରାସକରେ ବୋଲି ଅଧ୍ୟୟନରେ ସାମିଲ ଗବେଷକମାନେ ବହୁ ପୂର୍ବରୁ ଆବିଷ୍କାର କରିଥିଲେ ।

## ଦେହ ପାଇଁ ଭଲ ସେଓ

ଇଂରାଜୀରେ ଏକ ଢ଼ଗ ଅଛି 'ଓ୍ୱାନ୍ ଏପଲ ଏ ଡେ, କିପସ ଦ ଡକ୍ଟର ଆୱେ' ଅର୍ଥାତ୍ ଗୋଟିଏ ସେଓ ଖାଅ ଓ ଡାକ୍ତରଙ୍କୁ ଦୂରରେ ରଖ । ଭିଟାମିନ୍, ଖଣିଜ ତଥା ଶରୀର ପାଇଁ ଆବଶ୍ୟକ ହେଉଥିବା ଯାବତୀୟ ପୋଷକ ତତ୍ତ୍ୱରେ ଭରପୁର ଏହି ସ୍ୱାଦିଷ୍ଟ ଫଳ



ସେଓ ପ୍ରାଣୀଜଗତ ପ୍ରତି ଈଶ୍ୱରଙ୍କ ଅନ୍ୟତମ ମହତ୍ତ୍ୱପୂର୍ଣ୍ଣ ଅବଦାନ । ଏଥିରେ ଭିଟାମିନ୍-ଏ, ଭିଟାମିନ୍-ସି, ଇ, କେ, ବି-୧, ବି-୬, ଖଣିଜ ପୋଟାସିଅମ, କ୍ୟାଲସିଅମ, ମ୍ୟାଗ୍ନେସିଅମ, ଲୌହ, ସୋଡିୟମ ପ୍ରଭୃତି ସହ ପ୍ରଚୁର ମାତ୍ରାରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍ ରହିଥାଏ । ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହ ଏହା ଶରୀରକୁ ସୁସ୍ଥ ରଖିବାରେ ମଧ ସହାୟକ ହୁଏ । ଏହା ମଧ ଏକ ଉତ୍ତମ ଆଣ୍ଟିଅକ୍ସିଡେଣ୍ଟ ।

ମସ୍ତିଷ୍କ ଉପରେ ପଡୁଥିବା ବୟସର ପ୍ରଭାବ ହ୍ରାସ କରେ । ଏଥିରେ ଥିବା କ୍ୱାରସିଟିନ୍ କୋଷକୁ କବଚ ପରି ରକ୍ଷାକରେ । ନିୟମିତ ଖାଇଲେ କର୍କଟ ରୋଗର ଆଶଙ୍କା ହ୍ରାସ ପାଏ । ମଧୁମେହ ଟାଇପ୍-୨ ର ଆଶଙ୍କା ପ୍ରତିହତ କରେ । ଶରୀରରେ କୋଲେଷ୍ଟ୍ରଲର ମାତ୍ରା ସ୍ୱାଭାବିକ କରେ । ଯକୃତ ସୁସ୍ଥ ରଖେ ଏବଂ ରୋଗ ଓ ସଂକ୍ରମଣରୁ ରକ୍ଷା କରେ ।

ଦାନ୍ତ ଓ ମାଢ଼ିକୁ ମଜଭୁତ କରେ । ଅନାବଶ୍ୟକ ଓଜନ ବଢ଼ିବାକୁ ଦିଏ ନାହିଁ । ଝାଡା, କୋଷ୍ଠକାଠିନ୍ୟ ଏବଂ ଦାନ୍ତ ବ୍ୟଥା ଦୂର କରେ । ମୁହଁରେ ବାର୍ଦ୍ଧକ୍ୟଜନିତ ଭାଙ୍ଗ ଓ ଦାଗକୁ ହଟାଇବାରେ ସହାୟକ ହୁଏ ।


ରକ୍ତହୀନତା ଦୂର କରେ ଏବଂ ନୂତନ କୋଷିକା ସୃଷ୍ଟି କରେ ।

## ଶୀତରେ ବଢ଼ାନ୍ତୁ ରୋଗ ପ୍ରତିରୋଧକ ଶକ୍ତି

ଶୀତଦିନେ ଥଣ୍ଡା ଜ୍ୱର, କାଶ ଇତ୍ୟାଦି ରୋଗ ହେବା ଏକ ସାଧାରଣ କଥା । ଏହାର ଏକ ମୁଖ୍ୟ କାରଣ ହେଉଛି ରୋଗ ପ୍ରତିରୋଧକ ଶକ୍ତି ର ହ୍ରାସ । ଏଣୁ ଯଥା ସମ୍ଭବ ଶୀଘ୍ର ଉଠି ଯଥା ସମୟରେ ଖାଦ୍ୟ ଗ୍ରହଣ କରିବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଇଥାନ୍ତି । ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ଶରୀର ସୁସ୍ଥ ରହିଥାଏ । ଆଳସ୍ୟ କାରଣରୁ ଅନେକ ଲୋକ ଶାରୀରିକ କାର୍ଯ୍ୟକଳାପ ଠାରୁ ଦୂରେଇ ରୁହନ୍ତି, ଯାହା ଦ୍ୱାରା ମାଂସପେଶୀ ପରିଚାଳନା ହ୍ରାସ ପାଇଥାଏ । ଫଳରେ ଶରୀରରେ ଶ୍ୱେତରକ୍ତ କଣିକା ମଧ ହ୍ରାସ ଘଟିଥାଏ । ରୋଗ ପ୍ରତିରୋଧକ ଶକ୍ତି ବଢ଼େଇବାରେ ଶ୍ୱେତରକ୍ତ କଣିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଶାରୀରିକ କାର୍ଯ୍ୟକଳାପ ହ୍ରାସ ପରୋକ୍ଷ ଭାବେ ଶୀତଦିନିଆ ରୋଗର ଅନ୍ୟ ଏକ କାରଣ ହୋଇଥାଏ । ହୃଦରୋଗୀମାନେ ଶୀତଦିନେ ସବୁଠାରୁ ଅଧିକ ପ୍ରଭାବିତ ହୋଇଥାନ୍ତି । ସକାଳୁ ନିୟମିତ ବ୍ୟାୟାମ କରିବା ଦ୍ୱାରା ହୃତପିଣ୍ଡଜନିତ ବିଭିନ୍ନ ପ୍ରକାର ସମସ୍ୟା ଦୂର ହୋଇଥାଏ । ଏହା ବ୍ୟତୀତ ଶୀତଦିନେ ଦୈନିକ ଗ୍ରୀନ୍ ଟି ସେବନ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ତ୍ୱଚା ଉଜ୍ଜ୍ୱଳ ଦେଖାଯାଇଥାଏ ।

## କିଡନୀ ଷ୍ଟୋନର ଘରୋଇ ଉପଚାର

ଡିହାଇଡ୍ରେଶନ କିଡନୀ ଷ୍ଟୋନର ଏକ ପ୍ରମୁଖ କାରଣ । ଏପରି ସ୍ଥଳେ ଦିନକୁ ଅତିକମ୍‌ରେ ୮-୧୨ ଗ୍ଲାସ ପାଣି ପିଇବା ଉଚିତ । ୟୁରିନ୍ ରଙ୍ଗରୁ ଡିହାଇଡ୍ରେଶନ ଯାଞ୍ଚ କରାଯାଇପାରେ । ଲଗାତର ଅଧିକ ହଳଦିଆ ରଙ୍ଗ ୟୁରିନ୍ ହେଲେ ଡିହାଇଡ୍ରେଶନ ଲକ୍ଷଣ ହୋଇପାରେ ।



ଲେମ୍ବୁ ରସ ଓ ଅଲିଭ୍ ତେଲ ମିଶାଇ ପିଇପାରିବେ । ଲେମ୍ବୁ ରସ ଷ୍ଟୋନ କମ୍ କରିବାରେ ଓ ଅଲିଭ୍ ତେଲ ଏହାକୁ ବାହାର କରିବାରେ ସାହାଯ୍ୟ କରେ । ନିୟମିତ ଅଙ୍ଗୁର ଖାଇବା ଉଚିତ । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଅନେକ ପୋଷକ ତତ୍ତ୍ୱରେ ଭରପୂର ଥିବାରୁ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇଥାଏ । ଶରୀରରେ ଜଳୀୟ ଅଂଶ ଅଭାବ ରୋକିଥାଏ ।

ତୁଳସୀରେ ଥିବା ଏସିଟିକ୍ ଏସିଡ୍ ଷ୍ଟୋନ ଛୋଟ କରିବା ସହ ଦରଜ କମ୍ ହୋଇଥାଏ । ଏଥି ସହ ଆଣ୍ଟିଅକ୍ସିଡାଣ୍ଟ ଓ ଆଣ୍ଟିଇନ୍‌ଫ୍ଲେମେଟ୍ରି ଭରପୁର ମାତ୍ରାରେ ଥାଏ । ହେଲେ ତୁଳସୀର ଅଧିକ ବ୍ୟବହାର ଲୋ ବ୍ଲଡ ସୁଗର ଲୋ ବ୍ଲଡ ପ୍ରେସର ଆଶଙ୍କା ସୃଷ୍ଟି କରିପାରେ ।

ସେଓ ରସ ଓ ଭିନେଗାରରେ ସିଟ୍ରିକ୍ ଏସିଡ୍ ଥାଏ ଯାହା କିଡନୀ ଷ୍ଟୋନ ଛୋଟ ଛୋଟ ଖଣ୍ଡରେ ପରିଣତ କରିଥାଏ । ଏହା ବ୍ୟବହାର ସମୟରେ ପରିଣାମ ଉପରେ ଧ୍ୟାନ ଦେବା ଉଚିତ ।

## ସ୍ୱାସ୍ଥ୍ୟ ପାଇଁ ଲାଭକାରୀ କେତେ ଜିନିଷ

ହଳଦୀ ମସଲାର ଗୁଣକୁ ନେଇ ଗଠିତ । ଏଥିରେ କୁରକୁମିନ ନାମକ ତତ୍ତ୍ୱ ରହିଅଛି । ଦୀର୍ଘ ଦିନର ଯନ୍ତ୍ରଣାକୁ ଏହି ହଳଦି ଦୂର କରେ । ରାତିରେ ଶୋଇବା ସମୟରେ ହଳଦୀ ଓ କ୍ଷୀରକୁ ଫୁଟାଇ ପରେ ତାକୁ ଥଣ୍ଡା କରି ତାହାକୁ ପାନ କଲେ ଓଷ୍ଟିଓପୋରେସିସ୍ ଭଳି ରୋଗରୁ ରକ୍ଷା ମିଳେ । ସକାଳ ସମୟରେ ଏକ ଚାମଚ ହଳଦୀକୁ ଗିଲାସେ କ୍ଷୀର ସହ ମିଶାଇ ପିଇଲେ ରୋଗରୁ ଉପଶମ ମିଳେ ।

ଅଳ୍ପ ହଳଦୀ, ଲୁଣ ଓ ସୋରିଷ ତେଲକୁ ପ୍ରଥମେ ମିଶାଅ । ଦାନ୍ତ ଏବଂ ମାଢ଼ିକୁ ମଜବୁତ କରିବା ପାଇଁ ପ୍ରତିଦିନ ଏହି ମିଶ୍ରଣକୁ ନେଇ ବ୍ରଶ୍ କରି କଞ୍ଚା ହଳଦୀକୁ ପେଶୀ ଏହାକୁ ଦାନ୍ତରେ ଘଷିଲେ ଆରାମ ମଧ ମିଳେ । କଞ୍ଚା ହଳଦୀର କଷା ଅଂଶକୁ ମାଲିଶ କରିବା ଦ୍ୱାରା ବିନ୍ଧା ଦୂର ହେବା ସହ ଦାନ୍ତ ମୂଳରେ ଥିବା କୀଟାଣୁର ମଧ ଅବସାନ ଘଟେ ।

ଏକ ଗିଲାସ ଥଣ୍ଡା ପାଣିରେ କିଛି ହଳଦୀ ମିଶାଇ କୁଳି କରିବା ଦ୍ୱାରା ପାଟି ଧରାରୁ ମଧ ମୁକ୍ତି ମିଳେ । ହଳଦୀ କ୍ଷତ ହୋଇଥିବା ସ୍ଥାନର ଯନ୍ତ୍ରଣା ଦୂର କରିବା ପାଇଁ ମଧ ସହାୟକ ହୁଏ । ଏଥିପାଇଁ ଏକ ଗିଲାସ କ୍ଷୀରରେ ଗୋଟିଏ ଚାମଚ ହଳଦୀ ମିଶାଇ ପିଇବା ଦ୍ୱାରା କ୍ଷତ ହୋଇଥିବା



ସ୍ଥାନରୁ ବୋହୁଥିବା ରକ୍ତ ବନ୍ଦ ହୋଇଯାଏ । ମାଡ଼ ହେଲେ ପାଣି ଓ ହଳଦୀର ଲେପକୁ ଲଗାଇବା ଦ୍ୱାରା ଆରାମ ମିଳେ । ଅଧା ଲିଟର ଗରମ ପାଣି, ଅଧାଚାମଚ ଲୁଣ, ଏକ ଚାମଚ ହଳଦୀକୁ ମିଶାଇ ଏହାକୁ ପାଣିରେ ଭିଜାଇ ପୁଣି ତାକୁ ଚିପୁଡ଼ି କ୍ଷତ ହୋଇଥିବା ସ୍ଥାନରେ ସେକ ଦେଲେ ଆରାମ ଲାଗେ ।

ଅଦା: ଏହା କ୍ୟାନସରକୁ ସୃଷ୍ଟି କରୁଥିବା ରେଡିକଲକୁ ନଷ୍ଟ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ମଧ ବଢ଼ାଇଥାଏ । ଏହା ଯନ୍ତ୍ରଣାକୁ ଦୂର କରେ ଏବଂ ଏଥିରେ କପର ଓ ମେଗ୍ନିଜ ଥାଏ । ଆଣ୍ଠୁ, ଗଣ୍ଠି ଯନ୍ତ୍ରଣାରୁ ଉପଶମ ପାଇଁ ଅଦା ଜୁସ୍ ପିଇବା ଭଲ । ଏକ ଅଧ୍ୟୟନରୁ ଜଣାଯାଉଛି ଯେ ଯେଉଁମାନେ ନିୟମିତ ଅଦା ଜୁସ୍ ପାନ କରନ୍ତି ସେମାନେ କଦାପି କୌଣସି ଯନ୍ତ୍ରଣାର ଶିକାର ହୋଇ ନ ଥାନ୍ତି । ଦାନ୍ତ ବଥା ଓ ମୁଣ୍ଡ ବ୍ୟଥାରୁ ମଧ ଏହାର ବ୍ୟବହାର ଦ୍ୱାରା ଉପଶମ ମିଳେ ।

ଡାଳଚିନି : ଡାଳଚିନି ବ୍ୟବହାର କରିବା ଦ୍ୱାରା କେବଳ ଯନ୍ତ୍ରଣାରୁ ଉପଶମ ମିଳେ ନାହିଁ ବରଂ ଏହା ଦ୍ୱାରା ବେକ୍ଟେରିଆଲ ଇନଫେକସନରୁ ମଧ ତ୍ରାହି ମିଳେ । ଏକ ଚାମଚ ମହୁ ସହ ଅଳ୍ପ ଡାଳଚିନି ପାଉଡର ମିଶାଇ ଦାନ୍ତରେ ପ୍ରତିଦିନ ଦୁଇ କିମ୍ବା ତିନି ଥର ଘଷିଲେ ଦାନ୍ତର ଯନ୍ତ୍ରଣା ଦୂର ହୁଏ । ଏହାର ପାଉଡରରେ କିଛି ପାଣି ମିଶାଇ ସେହି ମିଶ୍ରଣକୁ ପେଷ୍ଟ କରି ମଥାରେ ଲଗାଇଲେ ଥଣ୍ଡା ଜନିତ ମୁଣ୍ଡବ୍ୟଥାରୁ ଉପଶମ ମିଳେ । ମହୁ ସହ ଡାଳଚିନି ପାଉଡର ମିଶାଇ ପାନ କରିବା ଦ୍ୱାରା ମାନସିକ ସମସ୍ୟାରୁ ରକ୍ଷା ମିଳେ । ଏକ ଚାମଚ ମହୁ ସହ ଅଳ୍ପ ଡାଳଚିନି ପାଉଡର ମିଶାଇ ପିଇଲେ ପେଟ ଯନ୍ତ୍ରଣା ଓ ଏସିଡିଟିରୁ ଆରାମ ମିଳେ । ଉଷୁମ ପାଣିରେ କିଛି ଡାଳଚିନି ପାଉଡର ଏବଂ ମହୁ ମିଶାଇ କଷ୍ଟ ହେଉଥିବା ସ୍ଥାନରେ ମାଲିଶ କଲେ ଉପଶମ ମିଳେ ।

ଚେରି : ଚେରି କଷ୍ଟକୁ କମ୍ କରେ । ବିଭିନ୍ନ ସୂତ୍ରରୁ ଏହା ଜଣାପଡିଛି ଯେ, ପ୍ରତିଦିନ ୪ କିମ୍ବା ୫ ଟି ଚେରି ଖାଇବା ଦ୍ୱାରା ଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳେ । ଚେରିରେ ମେଲାଟୋନିନ ନାମକ ଏକ ତତ୍ତ୍ୱର ପରିମାଣ ବହୁ ମାତ୍ରାରେ ଅଛି । ଯାହାକି ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରେ । ଚେରିରେ ଏଥୋସାଇନିନ ନାମକ ଏକ ଲାଲ ରଙ୍ଗର ପିଗମେଣ୍ଟ ମିଳେ । ଏହା ଏଣ୍ଟିଅକ୍ସିଡେଣ୍ଟ ଭଳି କାମ କରେ । ଭିଟାମିନ୍ 'ସି' ଓ ଏଥୋସାଇନିନ ଦ୍ୱାରା ଆମ ଶରୀରରେ ମିଳୁଥିବା କୋଲାଜେନ ମଜବୁତ ହୁଏ ।

ବାଦାମ: ଏଥିରୁ ଆମକୁ ବିଭିନ୍ନ ତତ୍ତ୍ୱ ମିଳେ ଯାହା ଆମକୁ ଇଂଫ୍ଲାମେଶନରୁ ଉପଶମ କରାଇ ଯନ୍ତ୍ରଣାରୁ ରକ୍ଷା କରେ । ଏହିଭଳି ବାଦାମରେ ରିବୋଫ୍ଲୋବିନ୍ ମିଳେ । ଯଦି ବହୁ ସମୟ ଧରି ଦୁର୍ବଳ ଯୋଗୁଁ ହାଲିଆ ଲାଗେ ତେବେ ଏହାକୁ ସେବନ କରିବା ଦ୍ୱାରା ତ୍ରାହି ମିଳେ । ଏହା କେବଳ ଶରୀରକୁ ନୁହଁ ମସ୍ତିଷ୍କକୁ ମଧ ସତେଜ ରଖେ । ଏଥିରୁ ଏଣ୍ଟିଅକ୍ସିଡେଣ୍ଟ ଓ ପ୍ରଚୁର ଭିଟାମିନ୍ ମିଳେ ଯାହା ଫଳରେ ବୟସ ବଢ଼ିଲେ ମଧ ଏହା ମନୁଷ୍ୟକୁ ସତେଜ ରଖେ । ଏଥିରେ ପ୍ରୋଟିନ ପର୍ଯ୍ୟାପ୍ତ ପରିମାଣରେ ରହିଅଛି ।

କାଳନେମି ଭାବିଲା, ରାବଣ ହାତରେ ମରିବାଠାରୁ ହନୁମାନଙ୍କ ହାତରେ ମରିବା ଶ୍ରେୟସ୍କର। ହନୁମାନଙ୍କ ହାତରେ ମଲେ ମୃତ୍ୟୁ ସୁଧୁରିଯିବ। ମୁଁ ଏବେ ରାବଣର କଥା ଶୁଣିବା ଶ୍ରେୟସ୍କର।

କାଳନେମି ଦ୍ରୋଣାଚଳ ପର୍ବତକୁ ଗଲା। ସେଠାରେ ଗୋଟିଏ ଆଶ୍ରମ କରି ସେ ନକଲି ଋଷିରୂପରେ ବସିଗଲା। ହନୁମାନ ଅତି ବେଗରେ ଯାଉଥିଲେ। ଆଉ ସେଇ ଆଶ୍ରମରେ ପଶିଗଲେ। ଋଷିବେଶ ଧରିଥିବା କାଳନେମି ରାକ୍ଷସ କହିଲା, ମୋ ପାଖକୁ ଆ। ମୁଁ ସବୁକଥା ଜାଣିଛି। ତୁ ଆଉ କିଛି ଚିନ୍ତା କର ନାହିଁ- ଲକ୍ଷ୍ମଣ ଚେତନା ପାଇଗଲେଣି। ମୁଁ ଜ୍ଞାନଦୃଷ୍ଟିରେ ସବୁକଥା ଦେଖି ପାରୁଛି। ଔଷଧି ବୃକ୍ଷର ଆଉ ଆବଶ୍ୟକତା ନାହିଁ। ଶ୍ରୀରାମ ବିଜୟଲାଭ କରିବେ।

କଥାବାର୍ତ୍ତା କରି ହନୁମାନଙ୍କୁ କିଛି ଅଧିକ ସମୟ ଅଟକାଇ ରଖିବା ଥିଲା କାଳନେମିର ଉଦ୍ଦେଶ୍ୟ। ହନୁମାନ କହିଲେ - 'ମୋତେ ଶୋଷ ହେଉଛି।' କାଳନେମି ତାଙ୍କୁ କମଣ୍ଡଳରୁ ଜଳ ଦେଲା। ହନୁମାନ କହିଲେ 'ଏତିକି ପାଣି କ'ଣ ହେବ?

କାଳନେମି ତାର ଜଣେ ମାୟା ଶିଷ୍ୟକୁ କହିଲା- 'ହନୁମାନଙ୍କୁ ସରୋବର ନିକଟକୁ ନେଇଯାଅ। ଆଉ ହନୁମାନଙ୍କୁ କହିଲା, ତୁମେ ସରୋବରରେ ସ୍ନାନ କରିଆସ, ମୁଁ ତୁମକୁ ଦିବ୍ୟ ମନ୍ତ୍ର ଦେବି। ସେହି ମନ୍ତ୍ର ବଳରେ ମୁଁ ସବୁକଥା ଏହିଠାରେ ବସି ଜାଣିପାରୁଛି।

ହନୁମାନ ପାଣି ପିଇବା ପାଇଁ ସରୋବରରେ ପ୍ରବେଶ କଲେ। ସାଙ୍ଗେ ସାଙ୍ଗେ ଗୋଟିଏ କୁମ୍ଭୀର ଆସି ତାଙ୍କ ଗୋଡ଼କୁ କାମୁଡି ଧରିଲା। ହନୁମାନ ତାକୁ ମାରିଦେଲେ। କୁମ୍ଭୀର ମରିବା ସଙ୍ଗେ ସଙ୍ଗେ ଗୋଟିଏ ଦିବ୍ୟ ସୁନ୍ଦରୀ ଅପସରା ହୋଇଗଲା। ଅପସରା ହନୁମାନଙ୍କୁ କହିଲା ପୂର୍ବେ ଜଣେ ଋଷିଙ୍କ ଅଭିଶାପ ଯୋଗୁଁ ମୋତେ କୁମ୍ଭୀର ହେବାକୁ ପଡ଼ିଥିଲା। ଆପଣ ଅତିଶୀଘ୍ର ଦ୍ରୋଣାଚଳ ପର୍ବତକୁ ଯାଆନ୍ତୁ। ଆପଣ ଯେଉଁ ଋଷିଙ୍କ କଥାରେ ସରୋବରରେ ପ୍ରବେଶ କରିଥିଲେ ସେ ପ୍ରକୃତରେ କୌଣସି ଋଷି ନୁହଁନ୍ତି। ସେ ହେଉଛନ୍ତି କାଳନେମି ରାକ୍ଷସ। ଏପରି କଥା ଶୁଣି ହନୁମାନ ଆଶ୍ରମକୁ ଦୌଡି ଆସିଲେ। ହନୁମାନଙ୍କୁ ଦେଖି କାଳନେମି ଅଭିନୟ କରି କହିଲା- ବାପା! ତୁମେ ମୋ ପାଖରେ ବସ। ମୁଁ ତୁମକୁ ମନ୍ତ୍ର ଦେବି।

ହନୁମାନ କହିଲେ, ମନ୍ତ୍ରଦେବା ପୂର୍ବରୁ ଗୁରୁଦକ୍ଷିଣା ତ ଦେବାକୁ ହେବ। ଏପରି କହି କାଳନେମିକୁ ବଜ୍ରସମ ପ୍ରହାର କଲେ।

କାଳନେମି ରାକ୍ଷସ ରୂପ ଧାରଣ କଲା। ହନୁମାନଙ୍କ ସହିତ ତାର ଯୁଦ୍ଧ ହେଲା। ହନୁମାନ ତାକୁ ମାରିଦେଲେ। ସେଠାରୁ ହନୁମାନ ଦ୍ରୋଣାଚଳ ପର୍ବତକୁ ଗଲେ। କିନ୍ତୁ ସେଠାରେ ସଞ୍ଜୀବନୀ ଲତା ଚିହ୍ନିପାରିଲେ ନାହିଁ। ସେ କାଳବିଳମ୍ବ ନକରି ଦ୍ରୋଣାଚଳ ପର୍ବତକୁ ଉପାଡି ଧରିଲେ। ସେତେବେଳେ ଦେବତା ଓ ଗନ୍ଧର୍ବମାନେ ହନୁମାନଙ୍କର ଜୟ ଜୟକାର କରିବାରେ ଲାଗିଲେ।

ଏଣେ ଶ୍ରୀରାମ ଅତି ଆତୁରତାର ସହିତ ହନୁମାନଙ୍କ ପ୍ରତ୍ୟାବର୍ତ୍ତନକୁ ଅପେକ୍ଷା କରିଥିଲେ। ରାତି ଯେତେଯେତେ ଅଧିକ ହେଉଥାଏ ଶ୍ରୀରାମ ସେତେ ସେତେ ଆତୁର ହେବାରେ ଲାଗିଥାଆନ୍ତି। ସୂର୍ଯ୍ୟୋଦୟ ହେବାକୁ ଆଉ ଅଧିକ ସମୟ ନ ଥିଲା। ଶ୍ରୀରାମ ମଣିଷଙ୍କ ଭଳି ଲୀଳା କରୁଥିଲେ। ଏହି ସମୟରେ ହନୁମାନ ଦ୍ରୋଣାଚଳ ପର୍ବତ ଧରି ସେଠାରେ ପହଞ୍ଚିଗଲେ। ହନୁମାନ ଆସୁଥିବା ଦେଖି ସମସ୍ତେ ପ୍ରସନ୍ନ ହୋଇଗଲେ। ଶ୍ରୀରାମ ହନୁମାନଙ୍କୁ ଆଲିଙ୍ଗନ କରି କହିଲେ ହନୁମାନ! ଆଜି ତୁ ମୋ ଲକ୍ଷ୍ମଣଙ୍କୁ ପୁନର୍ଜନ୍ମ ଦେଇଛୁ।

## ରାମକଥା



ମାରୁତିଂ ପ୍ରାହ ବତସାଦ୍ୟ ଦ୍ୱତପ୍ରସାଦାନମହାକପେ।
ନିରାମୟଂ ପ୍ରପଶ୍ୟାମି ଲକ୍ଷ୍ମଣଂ ଭ୍ରାତରଂ ମମ।

ବୈଦ୍ୟରାଜ ସୁଷେଣ ସଞ୍ଜୀବନୀ ଗୁଳ୍ମ ଚିହ୍ନି ତାର ଦିବ୍ୟରସ ବାହାରକଲେ। ଆଉ ଲକ୍ଷ୍ମଣଙ୍କ ମୁହଁରେ ପିଆଇଦେଲେ। କେତେକ ରାମାୟଣରେ ଲେଖା ହୋଇଛି ଏତେ ମହାନ୍ ପର୍ବତକୁ ଯେକିଆଣି ପାରିଥିବାରୁ ହନୁମାନଙ୍କର ଗର୍ବ ହୋଇ ଯାଇଥିଲା। ଆଉ ତାଙ୍କ ଯୋଗୁଁ ଲକ୍ଷ୍ମଣ ପୁନର୍ଜନ୍ମ ପାଉଛନ୍ତି। ହନୁମାନ ଗର୍ବରେ ସହିତ ସୁଷେଣଙ୍କୁ ପଚାରିଲେ ଲକ୍ଷ୍ମଣଙ୍କ ଚେତା ଆସିବାକୁ ଆଉ କେତେ ସମୟ ଲାଗିବ। ସୁଷେଣ କହିଲେ ଔଷଧ ପେଟକୁ ଯିବାର ଚାରିପାଞ୍ଚ ମୁହୂର୍ତ୍ତରେ ଲକ୍ଷ୍ମଣଙ୍କ ଚେତା ଫେରିଆସିବ।

ସୁଷେଣ କହିଥିବା ସମୟ ଗଡିଗଲା। ହେଲେ ଲକ୍ଷ୍ମଣଙ୍କ ଚେତା ଫେରିଲା ନାହିଁ। ପୁଣି ଥରେ ରସ ପିଆଗଲା। ତେବେ ବି କିଛି ଲାଭ ହେଲା ନାହିଁ। ସେତେବେଳେ ବୈଦ୍ୟରାଜଙ୍କୁ ବୟୋବୃଦ୍ଧ ଜାମ୍ବବାନ୍ କହିଲେ, ବୈଦ୍ୟରାଜ! ତୁମେ ଠିକ୍ ଔଷଧ ଦେଇଛ। ମାତ୍ର ତାର ଅନୁପାନ ଠିକ୍ ଦିଆହୋଇ ନାହିଁ।

ବୈଦ୍ୟରାଜ କହିଲେ ଅନୁପାନରେ କ'ଣ ଅଛି?

ଜାମ୍ବବାନ କହିଲେ- ଶ୍ରୀରାମଙ୍କର ଚରଣରଜ ସେହି ରସରେ ମିଶାଇ ଲକ୍ଷ୍ମଣଙ୍କୁ ଦିଅ। ଶ୍ରୀରାମଙ୍କ ଚରଣ ରଜ ହେଉଛି ଅନୁପାନ। ହନୁମାନ ଜାଣିଗଲେ ଯେ ପ୍ରକୃତରେ ମୋର ଯଶବୃଦ୍ଧି କରିବା ପାଇଁ ପ୍ରଭୁ ଏପରି ଲୀଳା କରୁଛନ୍ତି। ଶ୍ରୀରାମ ନିଜେ ଏ ସବୁକାମ ଏହିଠାରେ କରି ପାରିଥାନ୍ତେ। କିନ୍ତୁ ମୋ କୀର୍ତ୍ତି ବଢ଼ି ନ ଥାନ୍ତା।

ସୁଷେଣ ସଞ୍ଜୀବନୀ ରସରେ ଶ୍ରୀରାମଙ୍କର ପଦରଜ ମିଶାଇ ଲକ୍ଷ୍ମଣଙ୍କର ମୁଖରେ ସ୍ପର୍ଶ କରିବା ମାତ୍ରେ ଲକ୍ଷ୍ମଣଙ୍କର ଚେତନା ଫେରି ଆସିଲା। ଶ୍ରୀରାମ ଲକ୍ଷ୍ମଣଙ୍କୁ ଗାଢ଼ ଆଲିଙ୍ଗନ କଲେ। ଏହାପରେ ଘମାଘୋଟ ଯୁଦ୍ଧ ଆରମ୍ଭ ହୋଇଗଲା। ଶ୍ରୀରାମ ରାବଣ ମଧ୍ୟରେ ଯେଉଁ ଭୟଙ୍କର ଯୁଦ୍ଧ ହେଲା ସେଥିରେ ରାବଣର କବଚ ଛିଡ଼ିଗଲା। ସେ ଅତିଶୟ କ୍ଳାନ୍ତ ଅବସନ୍ନ ହୋଇଗଲା। ସେ ମୂର୍ଚ୍ଛା ପ୍ରାୟ ତଳେ ପଡିଯିବା ଦେଖି ଶ୍ରୀରାମ କହିଲେ ଆଜି ତୁମେ ବହୁତ କ୍ଳାନ୍ତ ହୋଇଯାଇଛ। ଘରକୁ ଫେରିଯାଅ। ବିଶ୍ରାମ ନେଇ ସୁସ୍ଥ ହୁଅ। କାଲି ଯୁଦ୍ଧ କରିବାକୁ ଆସିବ।

ଶତ୍ରୁ କ୍ଳାନ୍ତ ହୋଇଯାଇଥିବା ବେଳେ ତାକୁ ଆକ୍ରମଣ କରି ମାରିଦେବା ଉଚିତ। କିନ୍ତୁ ରାବଣ ନିରସ୍ତ୍ର ଓ ଅବସନ୍ନ ହୋଇଯିବା ଦେଖି ଶ୍ରୀରାମ ଯୁଦ୍ଧ ବନ୍ଦ କରିଦେଲେ। ସଂସାରର ଇତିହାସରେ ଏପରି ଉଦାହରଣ କୌଣସି ଠାରେ ଦେଖିବାକୁ ମିଳେ ନାହିଁ। ଶ୍ରୀରାମ ଅତି ସରଳ। ସେ ଶତ୍ରୁ ସହିତ ବି ସରଳ।

ରାବଣ ଆଶ୍ଚର୍ଯ୍ୟ ହୋଇଗଲା। ସେ ମନେ ମନେ ଭାବିଲା, ଲୋକମାନେ ଶ୍ରୀରାମଙ୍କର ଯେତେ ପ୍ରଶଂସା କରନ୍ତି ତାହା ପ୍ରକୃତରେ ଯଥେଷ୍ଟ ନୁହେଁ। ଶ୍ରୀରାମଙ୍କର ଶକ୍ତି ଦେଖି ରାବଣ ବିଚଳିତ ହୋଇଗଲା। ସେ କୁମ୍ଭକର୍ଣ୍ଣଙ୍କୁ ଉଠାଇବା ପାଇଁ ଆଦେଶ ଦେଲା। ରାକ୍ଷସମାନେ କୁମ୍ଭକର୍ଣ୍ଣ ପାଖକୁ ଗଲେ। ସେ ଶୋଇଥିଲେ। ରାକ୍ଷସମାନେ ଅତି କଷ୍ଟରେ ତାକୁ ଉଠାଇଲେ। ମଦିରା ମାସି ଦେଲେ।

କୁମ୍ଭକର୍ଣ୍ଣ ରାବଣର ଦରବାରକୁ ଆସିଲା। ରାବଣକୁ କହିଲା, ଶ୍ରୀରାମଙ୍କ ସହିତ ଯୁଦ୍ଧ ନ କରିବା ପାଇଁ ମୁଁ ତୁମକୁ ପ୍ରଥମରୁ ମନା କରିଥିଲି। କିନ୍ତୁ ତୁମେ ମୋ କଥା ଶୁଣିଲ ନାହିଁ। ପରିଣାମରେ ଆଜି ଏପରି ଅବସ୍ଥା ହୋଇଛି। ଶ୍ରୀରାମ ଦେବତା ନୁହଁନ୍ତି ଯେ ତୁମେ ତାଙ୍କୁ ଜିତିଯିବ। ସେ ହେଉଛନ୍ତି ପରମାତ୍ମା। ପରମାତ୍ମାଙ୍କ ସହିତ ତୁମେ ଶତ୍ରୁତା କରିଛ। ଏହି ଦ୍ୱନ୍ଦ୍ୱରେ ମୁଁ ତୁମକୁ ସହାୟତା ପ୍ରଦାନ କରିବି ନାହିଁ। ସହାୟଂ ନ କରିଷ୍ୟାମି ସର୍ବାବସ୍ଥାଂ ଯଦୁଚତେ। ତୁ ମହାନ୍ ମୂର୍ଖ। ଈଶ୍ୱରଙ୍କଠାରେ ବିରୋଧାଚରଣ କରୁଛୁ! ଜଗଦମ୍ବା ହରି ଆନ, ସଠ ଚାହାତ କଲ୍ୟାନ।

ଈଶ୍ୱରଙ୍କ ସହିତ ଯିଏ ବିରୋଧ କରିବ ତାକୁ ସହାୟତା କିଏ କ'ଣ କେବେ କରିପାରେ? ମୁଁ ତୋର ସହାୟତା କରିବି ନାହିଁ। ବିଭୀଷଣ ଭଳି ମୁଁ ବି ଶ୍ରୀରାମଙ୍କର ଶରଣ ନେବି। ଏବେ ବି ସମୟ ଅଛି ଶ୍ରୀରାମଙ୍କ ସହିତ ସନ୍ଧି କର। ଅହଙ୍କାର ତ୍ୟାଗ କରିଦେ। ଏଥିରେ ତୋର ମଙ୍ଗଳ ହେବ।

ରାବଣ କ୍ରୋଧାର୍ନ୍ୱିତ ହୋଇଉଠିଲା। କହିଲା ଉପଦେଶ ଦେବା ପାଇଁ ତୋତେ ତୋ ନିଦରୁ ଉଠାଇ ନାହିଁ। ଯୁଦ୍ଧ କରିବା ପାଇଁ ଉଠାଇଛି। ନିଦମାଡୁଛି ଯଦି ମୋ ସାମନାରୁ ପଳା। ମୋତେ ଉପଦେଶ ଦେବାର ଆବଶ୍ୟକତା ନାହିଁ।


## ସ୍ୱର୍ବେଦ

**ସଦ୍‌ଗୁରୁ ଯୁକ୍ତି ବିଧାନ ସେ, ସୁଷମନ ସମଗତି ହୋୟ**
**ସହଜ ଯୋଗ ଅଭ୍ୟାସ ହୈ, ସବ ଯୋଗନ ପର ସୋୟ। (୧୦)**

ଭାଷ୍ୟ: ସଦ୍‌ଗୁରୁଙ୍କ ଯୁକ୍ତି ଏବଂ ତାଙ୍କର ନିୟମ, ଆଦେଶ ଅନୁସାରେ ସୁଷ୍ମନାର ଗତି ଗୋଟିଏ ରୂପରେ ଚାଲିବାରେ ଲାଗିଥାଏ। ସୁଷ୍ମନା ହୋଇଗଲେ ତାର ପ୍ରବାହ ନିଶିଦିନ ଯୋଗୀମାନଙ୍କ ଠାରେ ରହିଥାଏ। ହଠ ଯୋଗୀ ଚିରକାଳ ପର୍ଯ୍ୟନ୍ତ ପ୍ରାଣାୟାମ, କୁମ୍ଭକ କରି ସୁଷ୍ମକାର ଗତିରେ ନିଜ ପ୍ରାଣକୁ ସ୍ଥିର କରେ। ସୁଷ୍ମନା ହୋଇଗଲେ ହିଁ ପ୍ରାଣ ସ୍ଥିର ହୁଏ ଏବଂ ପ୍ରାଣ ସ୍ଥିର ହେଲେ ହିଁ ତାର ପ୍ରବାହ ଲଗାତାର ଗୋଟିଏ ରୂପରେ ଚାଲିବ। ଏହି ଅନୁଭବ ଯୁକ୍ତି ସଦ୍‌ଗୁରୁଙ୍କ ଦ୍ୱାରା ମିଳେ ଓ ବିଶେଷ ପଦାଧିକାରୀ ସଦ୍‌ଗୁରୁ ହୋଇଥିବାରୁ ସ୍ୱୟଂ ସୁଷ୍ମନ ପ୍ରବାହ କରି ତାର ଆତ୍ମାରେ ନିଜର ସମସ୍ତ ଜ୍ଞାନ ଓ ବଳ ପ୍ରକଟ କରି ଦିଅନ୍ତି। ଏହି କ୍ରିୟା ବିହଙ୍ଗମ ଯୋଗୀ ସଦ୍‌ଗୁରୁ ହିଁ କରନ୍ତି। ଏହି ସହଜ ଯୋଗୀ ଯାହାକୁ ବିହଙ୍ଗମ ଯୋଗ ମଧ କହନ୍ତି ସମସ୍ତ ଯୋଗରୁ ଉତ୍କୃଷ୍ଟ ତଥା ଅଲୌକିକ ଅଟେ। ସହଜଯୋଗର ଅଭ୍ୟାସ ପ୍ରାଣ, ମୁଦ୍ରା ଏବଂ କୁମ୍ଭକ ବିନା ହିଁ ସ୍ୱାଭାବିକ ରୂପରେ ସୁଷ୍ମନାରେ ସ୍ଥିର ହେଲେ ଚାଲେ। ଏଥିପାଇଁ ଏହି ଯୋଗକୁ ସହଜ ଯୋଗ କହନ୍ତି। ସହଜ ଯୋଗ ଓ ବିହଙ୍ଗମ ଯୋଗ ଉଭୟ ଏକ ଅର୍ଥର ବାଚକ ଶବ୍ଦ ଅଟେ। ଯୋଗର ଏକହିଁ ଭୂମିରେ ସହଜ ରୂପରେ ଆତ୍ମାର ଶକ୍ତି ନିରାଧାର ଆକାଶକୁ ଗମନ କରେ। ଏଥିପାଇଁ ଏହି ସହଜ ଯୋଗକୁ ଅନ୍ୟ ଶବ୍ଦରେ ବିହଙ୍ଗମ ଯୋଗ ମଧ କହନ୍ତି।

**ରାତ ଦିବାସ ଏକ ତାର ମେଁ, ରହେ ନିରନ୍ତର ଲାଗ।**
**ବେ ପଲଭର ବିଛୁଡେ ନାହିଁ, ଭଜନ ବିରହ ଅନୁରାଗ। (୧୧)**

ଭାଷ୍ୟ: ନିଜ ପରମ ପ୍ରଭୁଙ୍କ ଠାରେ




ଏକ ତାରରୁ ନିରନ୍ତର ଲାଗିରହେ। ଉଭୟଙ୍କ ସମ୍ବନ୍ଧ, ତାର ଏକ ପଲ ମଧ ଅଲଗା ରହେ ନାହିଁ ଅର୍ଥାତ ଛାଡେ ନାହିଁ। ଏହି ବିରହ ଓ ପୂର୍ଣ୍ଣ ଶ୍ରଦ୍ଧାଯୁକ୍ତ ଭଜନ ଅଟେ। ଗୋଟିଏ ଶ୍ୱାସ ମଧ ପ୍ରଭୁଙ୍କ ଅତିରିକ୍ତ ଅନ୍ୟ ପଦାର୍ଥରେ ନ ଯାଇ, ରାତ୍ରି ଦିବସ ନିରନ୍ତର ଗୋଟିଏ ରୂପରେ ସେହି ପ୍ରଭୁଙ୍କ ସମ୍ବନ୍ଧ ଲାଗି ରହେ। ଏପରି ସ୍ଥିତିକୁ ଭଜନ କହନ୍ତି।

**ଚଲତ ଫିରତ ବୈଠତ ଉଠତ, ଲଗନ ମେଁ ସୁରତି ସହ୍ମାର।**
**ଧନ୍ୟ ସଂଯମୀ ସନ୍ତ ହୈଁ, ପାବେ ଜଗ କରତାର। (୧୨)**

ଭାଷ୍ୟ: ଭଜନ ସେତେବେଳେ ହୁଏ, ଯେତେବେଳେ ପରମ ପ୍ରଭୁଙ୍କ ଠାରେ ଲଗାତାର ଏକ ରୂପରେ ଚାଲିବା -ବୁଲିବା, ଉଠିବା- ବସିବା ଆଠ ପ୍ରହର ସୁରତି ଗୁରୁ ଲକ୍ଷ୍ୟରେ ଲାଗି ରହିଥାଏ। ଯେତେବେଳେ ଏକ ତାର ନିରନ୍ତର ପ୍ରବାହ ସେହି ପ୍ରଭୁଙ୍କ ଠାରେ ଚାଲେ, ତେବେ ସେହି ସଂଯମୀ ସାଧକ ପରମ ପୁରୁଷ ଜଗତର ରଚୟିତା ପାଇଥାଏ। ଯୋଗୀମାନଙ୍କର ସମାଧି ଅନୁଷ୍ଠାନରେ ବାହାର ଏକ କ୍ଷଣ ମଧ ଶ୍ୱାସ ଯାଏ ନାହିଁ। ତାହା ଅହର୍ନିଶ ସେହି ପରମ ପ୍ରଭୁଙ୍କ ଠାରେ ଲାଗି ରହେ। ଏହି ଭକ୍ତି କରିବା ଶୁଦ୍ଧ ସ୍ୱରୂପ ଅଟେ। ଏହି ଗ୍ରନ୍ଥରେ ରଚୟିତା ସଦ୍‌ଗୁରୁଦେବ ଜୀଙ୍କ ଗୁହା ଅନୁଷ୍ଠାନ କାଳରେ ଏହି ସ୍ଥିତି ରହିଥିଲା। ଏହାର ଚର୍ଚ୍ଚା ସେତେବେଳେ ଦେଖିଥିବା ପ୍ରେମୀ ସଜ୍ଜନ କରିଥାନ୍ତି।

**ମନ ବ ରଇ ନାକେ କରେ, ପାଚ ପଚିସୋ ସଙ୍ଗ।**
**ଶୂନ୍ୟ ମହଲ ବୈଠକ ବନେ, ଲୀଳା ଅଦଭୁତ ରଙ୍ଗ। (୧୩)**

ଭାଷ୍ୟ: ମନ ଓ ବିଷୟ ଭୋଗ ପ୍ରପଞ୍ଚକୁ ତାର ମୂଳ କାରଣରେ ଲୟ ଏବଂ ଶାନ୍ତ କରି ଯୋଗୀ ନିଜ ସ୍ୱରୂପରେ ସ୍ଥିର ହୋଇ ଯୋଗର ଅଭୁତ ଦୃଶ୍ୟକୁ ଦେଖେ। ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥିବୀ ଏହି ପାଞ୍ଚତତ୍ତ୍ୱ ଓ ଶରୀର ଭିତରେ ଏହାର ଅଲଗା ଅଲଗା କରଣ ଅଟେ। ଦଶ ଇନ୍ଦ୍ରିୟ, ଦଶ ପ୍ରାଣ, ଚତୁଷ୍ଟୟ ଅନ୍ତଃକରଣ ଓ ମୂଳକାରଣ ପ୍ରକୃତିରେ ପଚିଶ ତତ୍ତ୍ୱ ଅଟେ। ଶୂନ୍ୟ ମହଲ ଯୋଗର ପବିତ୍ର ଭୂମି ଯେଉଁଥିରେ ଆତ୍ମା ପରମାନନ୍ଦର ଆସ୍ୱାଦନ କରେ।

## ବାଇଗଣର ଉପକାରିତା

**ବା**ଇଗଣରେ ବହୁ ଭିଟାମିନ୍ ଭରପୁର ମାତ୍ରାରେ ରହିଛି । ଏହା ଖାଇବା ଦ୍ୱାରା ମିନେରାଲ, ଫାଇବର ସହ ଅତ୍ୟଧିକ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ । ଯାହା ବ୍ରଣ ଭଳି ଚର୍ମ ହାନୀକାରକ ରୋଗକୁ ମଧ କମାଇଥାଏ ।

ଏହା ଚର୍ମକୁ ମଇଶ୍ଚର ରଖିବାରେ ଉପାଦେୟ ହୋଇଥାଏ । ଯଦି ଆପଣଙ୍କ ଚର୍ମ ଶୁଷ୍କ କିମ୍ବା କେଶ ଡ୍ରାଏ ଅଛି ତେବେ ବାଇଗଣକୁ ଖାଦ୍ୟ ରୂପେ ଅଧିକ ବ୍ୟବହାର କରନ୍ତୁ ।



ଏହା ବ୍ୟତୀତ ଏଥିରେ ଆଇରନ, କ୍ୟାଲସିୟମ ପ୍ରଚୁର ମାତ୍ରାରେ ରହିଥାଏ । ଏହା ଖାଇବା ଦ୍ୱାରା ମଧୁମେହ ଏବଂ ହୃଦରୋଗ ଭଳି ରୋଗ ହେବାର ଆଶଙ୍କା କମ୍ ହୋଇଥାଏ ।

ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆର୍ଥୋୟନିସ ଅଧିକ ଥାଏ । ଯାହା ବୟସ ବଢ଼ିବାର ପ୍ରକ୍ରିୟାକୁ କମ୍ କରିଥାଏ ।

ଏଥିରେ ଫାଇବର ମାତ୍ରା ଅଧିକ ରହିଥିବାରୁ ଏହା ଭିଟାମିନ୍‌ରେ ଭରପୁର ହୋଇଥାଏ । ଫଳରେ ପେଟ ସଫା ହେବାରେ ଏହା ସହାୟକ ହୋଇଥାଏ ।

ଅତ୍ୟଧିକ ପାଣି ରହିଥିବାରୁ ଏହା ତ୍ୱଚାକୁ ହାଇଡ୍ରେଟ କରିଥାଏ । ସେହିପରି ଏହା କଲେଷ୍ଟ୍ରୋଲ ସ୍ତରକୁ କମାଇଥାଏ । କାରଣ ଏଥିରେ କ୍ୟାଲସିୟମ ଓ ମ୍ୟାଗନେସିୟମ ରହିଥାଏ ।

ଭିଟାମିନ୍ 'ସି' ଥିବାରୁ ଏହା ଖାଇବା ଦ୍ୱାରା ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ହୋଇଥାଏ ଏବଂ ସଂକ୍ରମଣରୁ ରକ୍ଷା କରିଥାଏ ।

ସବୁଠାରୁ ବାଇଗଣର ଭଲ ଗୁଣ ହେଉଛି ଯଦି ଆପଣ ସିଗାରେଟ୍ ଛାଡିବାକୁ ଚାହୁଁଛନ୍ତି ତାହାହେଲେ ବାଇଗଣ ଅଧିକ ଖାଆନ୍ତୁ । କାରଣ ଏଥିରେ ଥିବା ନିକୋଟିନର ମାତ୍ରା ସୀମିତ ରହିଥାଏ ।

ବାଇଗଣର ରସ ଦାନ୍ତ ବଥାଉଥିଲେ ଏହା ଫଳପ୍ରଦ ହୋଇଥାଏ । ଏହା ଚର୍ବିକୁ ଜଳେଇ କ୍ୟାଲୋରୀକୁ କମ୍ କରିଥାଏ । ଏହାକୁ ଖାଇବା ଦ୍ୱାରା ଶୀଘ୍ର ଭୋକ ହୋଇ ନ ଥାଏ । କାରଣ ଫାଇବର ଦ୍ୱାରା ପେଟପୁରା ହୋଇଥାଏ ଏହା ଦ୍ୱାରା ଆମ ଶରୀରର ଓଜନ ମଧ ହ୍ରାସ ହୋଇଥାଏ । ଭୋଜନର ଠିକ୍ ପୂର୍ବରୁ ଅଧା ସିଝା ବାଇଗଣ ସାଙ୍ଗରେ ସାଲାଡ଼ ଏବଂ ସବୁଜ ପରିବାକୁ ଯଦି ସେବନ କରାଯାଏ ତ ଧିରେ ଧିରେ ଆମ ଶରୀରର ଓଜନ କମିବାକୁ ଲାଗିଥାଏ ।

## ଶ୍ୱାସ ରୋଗ ଦୂର କରେ ଭେଣ୍ଡି ଜୁସ୍



**ପି**ଲା ଦିନରୁ ଆମେ ପଢ଼ି ଆସିଛେ ଭେଣ୍ଡି ଗୋଟିଏ ଭଲ ପରିବା । ଭେଣ୍ଡିର ତରକାରୀ ଠାରୁ ଆରମ୍ଭ କରି ଭଜା ଆଦି ଯେତିକି ସୁଆଦିଆ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ । ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ ରହିଛି ।

ଭେଣ୍ଡିରେ ପ୍ରଚୁର ପୋଷକ ତତ୍ତ୍ୱ ରହିଛି । ଏଥିରେ ଭିଟାମିନ୍ ସି' ଓ ମ୍ୟାଗ୍ନେସିୟମର କାର୍ବୋହାଇଡ୍ରେଟ, ଫୋଲେଟ, ଫାଇବରର ଉତ୍ତମ ସ୍ରୋତ ରହିଛି । ଶ୍ୱାସ ରୋଗୀମାନେ ଭେଣ୍ଡି ଖାଇବା ଖୁବ୍ ଲାଭଦାୟକ । ଭେଣ୍ଡି ଇମ୍ୟୁନି ସିଷ୍ଟମକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ । କୋଲେଷ୍ଟେରଲ ସ୍ତର କମ୍ କରିବାରେ ଭେଣ୍ଡି ସହାୟକ ହୁଏ । ବ୍ଲଡ ସୁଗାର ଥିବା ବ୍ୟକ୍ତି ଭେଣ୍ଡି ଖାଇବା ଖୁବ୍ ଭଲ । ବିଶେଷକରି ଭେଣ୍ଡି ଜୁସ୍ ପିଇବା ବହୁତ ଭଲ । କିଡନୀ ରୋଗୀଙ୍କ ପାଇଁ ଭେଣ୍ଡି ବହୁତ ଲାଭଦାୟକ ପରିବାଟିଏ । ଓଜନ କମ୍ କରିବାକୁ ଚାହୁଁଥିଲେ ଭେଣ୍ଡି ଜୁସ୍ ନିହାତି ପିଅନ୍ତୁ । ଅପଚ ବା ବଦହଜମି ଦୂର କରିବା ପାଇଁ ଭେଣ୍ଡି ଜୁସ୍ ପିଇବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି ।

## ବହୁରୋଗର ମହୌଷଧି ଜାମୁକୋଳି



**ସ**ବୁ ଫଳରେ କିଛି ନା କିଛି ଔଷଧୀୟ ଗୁଣ ଭରି ରହିଛି । ଏଭଳି ଫଳଗୁଡିକ ପାଟିକୁ ସୁଆଦିଆ ଲାଗିବା ସହ ଶରୀର ପାଇଁ ହିତକର ହୋଇଥାଏ । ସେହିଭଳି ଔଷଧୀୟ ଗୁଣରେ ଭରପୁର ଏକ ଫଳ ହେଉଛି ଜାମୁକୋଳି । ବର୍ଷାଦିନ ଆରମ୍ଭ ହେବା ମାତ୍ରେ ବଜାରରେ ଜାମୁକୋଳି ଭରପୂର ମାତ୍ରାରେ ମିଳେ । ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହୋଇଥାଏ । ଆୟୁର୍ବେଦରେ ଅନେକ ରୋଗର ଉପଚାର ପାଇଁ ଜାମୁକୋଳି ବ୍ୟବହାର କରାଯାଏ । ଏହାର ମଞ୍ଜି, ମଧୁମେହ ରୋଗୀଙ୍କ ପାଇଁ ବହୁତ ଉପଯୋଗୀ । ପାଚନକ୍ରିୟା, ଦାନ୍ତ, ଆଖି, ପେଟ ଓ ବୃକକ୍ ଲାଗି ଜାମୁକୋଳି ଖୁବ୍ ଉପକାରୀ । ଏଥିରେ ପ୍ରୋଟିନ୍, ଫାଇବର, ଆଇରନ, କ୍ୟାଲସିୟମ ଭଳି ପୋଷକତତ୍ତ୍ୱ ଭରି ରହିଛି ।

ଜାମୁକୋଳି ମଞ୍ଜିକୁ ଭଲଭାବେ ଧୋଇ ଏହାକୁ ଖରାରେ ଗୁଣ୍ଡ କରନ୍ତୁ । ମଧୁମେହ ରୋଗୀ ଏହି ଗୁଣ୍ଡକୁ ଖାଲି ପେଟରେ ଖାଇବା ଦ୍ୱାରା ସୁଗାର ମାତ୍ରା ନିୟନ୍ତ୍ରଣ ରହିଥାଏ । ଏଥିରେ କମ୍ ମାତ୍ରାରେ କ୍ୟାଲୋରୀ ଓ ଫାଇବର ମିଳିଥାଏ, ଯାହାକି ପାଚନଶକ୍ତିକୁ ମଜଭୁତ୍ ରଖିଥାଏ । ଏପରିକି ପ୍ରତିଦିନ ଜାମୁକୋଳି ଖାଇବା ଦ୍ୱାରା ଓଜନ ନିୟନ୍ତ୍ରଣ ରହିଥାଏ । କେବଳ ସେତିକି ନୁହେଁ, ଏହି ଜାମୁକୋଳି ସେବନ ଦ୍ୱାରା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହିତ ଅନ୍ୟାନ୍ୟ ସଂକ୍ରମଣକୁ ରୋକିଥାଏ ।

ଜାମୁକୋଳି ଦାନ୍ତ ପାଇଁ ମଧ ଭଲ ହୋଇଥାଏ । ଜାମୁକୋଳି ପତ୍ରର ରସକୁ ଦାନ୍ତ ଓ ମାଢ଼ିରେ ଲଗାଇଲେ ଏହା ମଜଭୁତ ହୋଇଥାଏ । ଏପରିକି ଏହି ରସରେ କୁଳି କଲେ ପାଇରିୟା ମଧ ଭଲ ହୋଇଯାଏ । ଏହା ତ୍ୱଚାରେ ଉଜ୍ଜ୍ୱଳତା ଆଣିଥାଏ ।

## ଆପଣ ଜାଣନ୍ତି କି ?

- ପ୍ରସିଦ୍ଧ ପୁସ୍ତକ 'ଉଇ ଦ ପିପୁଲ'ର ଲେଖକ ହେଉଛନ୍ତି ନନି ପାଲକିୱାଲା ।
- ଫରାସୀପ୍ରସିଦ୍ଧ ଔପନ୍ୟାସିକା ଏମିଲି ଜୋଲାଙ୍କ ପୁରାନାମ ଏମିଲି ଏଡ଼ୱାର୍ଡ ଆଣ୍ଟୋନି ଜୋଲା ।
- ଇଂରେଜ ଔପନ୍ୟାସିକ ତଥା କବି ଥୋମାସ୍ ହାର୍ଡିଙ୍କ ଜନ୍ମ ଜୁନ୍ ୨ ତାରିଖ ୧୮୪୦ ମସିହାରେ ଇଂଲଣ୍ଡର ଷ୍ଟାନ୍ସଫୋର୍ଡ ଠାରେ ହୋଇଥିଲା ।
- ଏରିକ୍‌ଆର୍ଥରବ୍ଲେୟାରଙ୍କ ପେନ୍ ନେମ୍ (କଲମ୍ ନାମ) ଜର୍ଜ ଓରୱେଲ ।
- ସ୍କଟିସ୍ ଔପନ୍ୟାସିକ ସାର ୱାଲଟର ସ୍କଟ୍‌ଙ୍କ ଜନ୍ମ ଅଗଷ୍ଟ ୧୫, ୧୭୭୧ ମସିହାରେ ଏଡିନବର୍ଗ ଠାରେ ହୋଇଥିଲା ।
- ମୁନ୍‌ସି ପ୍ରେମଚାନ୍ଦ ଭାବେ ଜଣାଶୁଣା ଭାରତୀୟ ଔପନ୍ୟାସିକ ପ୍ରେମଚନ୍ଦଙ୍କ ପ୍ରକୃତ ନାମ ଧନପତ ରାୟ ।
- ଫରବିଡ଼େନ୍ ଭର୍ସେସ୍‌ର ଲେଖକ ଆରବୀୟ କବି ଅବୁ ନୁୱାସ୍ ଅଲ୍ ହସନ ଇବନ୍ ହନି ଏଲ୍ ହକ୍କାନି ।
- ପ୍ରସିଦ୍ଧ ବାଂଲାଦେଶୀ ଲେଖିକା ତସଲିମା ନାସାରିନ୍ ପେଶାରେ ଜଣେ ଡାକ୍ତର ।
- ସୌର ମଣ୍ଡଳର ସୂର୍ଯ୍ୟଙ୍କ ଶକ୍ତିକୁ ମହାକର୍ଷଣ ଶକ୍ତି କୁହନ୍ତି ।
- ଉପଗ୍ରହ ଚନ୍ଦ୍ରର ନିଜର ଆଲୋକ ନାହିଁ ସେ ସୂର୍ଯ୍ୟଙ୍କ ଆଲୋକରେ ଆଲୋକିତ ।
- ସୂର୍ଯ୍ୟ ଓ ଚନ୍ଦ୍ର ମଧରେ ପୃଥିବୀ ରହିଲେ ସୂର୍ଯ୍ୟପରାଗ ହୁଏ ।

## କହିପାରିବେ କି ?

୧) ରାମଚରିତ ମାନସରେ ସୁଗ୍ରୀବଙ୍କ ବଳ କେତେ ଥିଲା ବୋଲି କୁହାଯାଇଛି ?
(୨) ରାମ ଓ ରାବଣଙ୍କ ମଧରେ କେତେଦିନ ଯୁଦ୍ଧ ଚାଲିଥିଲା ?
(୩) ରାମେଶ୍ୱର ସେତୁ କେତେ ଦିନରେ ନିର୍ମାଣ ହୋଇଥିଲା ?
(୪) ନଳ ଓ ନୀଳଙ୍କ ପିତାଙ୍କ ନାମ କ'ଣ ?
(୫) ବିଭୀଷଣଙ୍କ କନ୍ୟା କିଏ ଥିଲେ ?
(୬) ରାବଣକୁ କିଏ ଜୀବନଦାନ ଦେଇଥିଲେ ?
(୭) ଦଶରଥ ପିତାଙ୍କ ନାମ କ'ଣ ଥିଲା ?
(୮) ବ୍ରହ୍ମାଙ୍କ କେତେ ବଂଶରେ ଶ୍ରୀରାମଙ୍କ ଜନ୍ମ ହୋଇଥିଲା ?
(୯) ମରୀଚି କାହାର ପୁତ୍ର ଥିଲେ ?
(୧୦) ଇକ୍ଷ୍ୱାକୁ ପିତାଙ୍କ ନାମ କ'ଣ ଥିଲା ?

### JUMBLE WORDS

| | | | |
|---|---|---|---|
| 1) BANCI | = | 6) NYADH | = |
| 2) BTEAA | = | 7) SUCINO | = |
| 3) SABHUM | = | 8) CRAAED | = |
| 4) HYIHLG | = | 9) DUEES | = |
| 5) DHIWT | = | 10) SSLAA | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର **:-**

୧.ମହୀଶୁର, ୨. ସମାଜସେବା, ୩. କର୍ଣ୍ଣାଟକ, ୪. ୧୧୧, ୫.୨୭, ୬. ୪୬୦୮, ୭. ୧୦୭୪, ୮. ୮୬, ୯. ୭୭, ୧୦. ୩୩ ।

***Jumble Words*** ର ଉତ୍ତର **:-**

(1) YONDER (2) STEREO (3) GRILL (4) TRUNK (5) NOBODY (6) BRIGHT (7) LUCKY (8) ROUND (9) VIOLET (10) THRIVE

# କେବଲ ଟେଲିଭିଜନ ନେଟୱାର୍କ ରୁଲ୍ସ ସଂଶୋଧନ

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅନ୍ୟ ଗଣମାଧ୍ୟମଗୁଡ଼ିକ ସହ ଘରୋଇ ଉପଗ୍ରହ ଭିତ୍ତିକ ଟେଲିଭିଜନ ଓ କେବଲ ଟେଲିଭିଜନ ପ୍ରସାରଣ ନିୟନ୍ତ୍ରଣ କରିଥାଏ । କେବଲ ଟେଲିଭିଜନ ନେଟୱାର୍କ ଆକ୍ଟ ୧୯୯୫ ଏହି କ୍ଷେତ୍ରରେ ପ୍ରମୁଖ ମାର୍ଗଦର୍ଶକ । ଆଇନ ପ୍ରଣୟନ ହେବା ବର୍ଷକ ପୂର୍ବରୁ କେବଲ ଟେଲିଭିଜନ ନେଟୱାର୍କ ରୁଲ ୧୯୯୪ ଲାଗୁ କରାଯାଇଥିଲା । ଉଭୟ ଆଇନ 'ଆକ୍ଟ' ଓ ନିୟମ 'ରୁଲସ' ବହୁବାର ସଂଶୋଧିତ ହୋଇଆସିଛି । କେବଲ ଟେଲିଭିଜନ ନେଟୱାର୍କ (ଏମେଣ୍ଡମେଣ୍ଟ) ରୁଲସ ୨୦୨୧ ଜୁନ ୧୭ ତାରିଖରେ ଗେଜେଟ ବିଜ୍ଞପ୍ତି ଆକାରରେ ପ୍ରକାଶିତ ହେବାର ମାସକ ପରେ କାର୍ଯ୍ୟକାରୀ ହେବା ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଆମ ଦେଶରେ ଜଗତୀକରଣ ଓ ଅର୍ଥନୀତିକ ଉଦାରୀକରଣ ନୀତି ୧୯୯୧ରେ ଲାଗୁ ହେବା ପରେ ଘରୋଇ ଉଦ୍ୟୋଗରେ କେବଲ ଟେଲିଭିଜନ ପ୍ରସାରଣ ଆରମ୍ଭ ହୋଇଥିଲା । ପ୍ରଥମେ ଷ୍ଟାର ଟିଭି ଭଳି ବୈଦେଶିକ ଚ୍ୟାନେଲ ପ୍ରସାରଣ ଆରମ୍ଭ କରିବା ବର୍ଷକ ମଧ୍ୟରେ ସ୍ୱଦେଶୀ ଚ୍ୟାନେଲ ସାମିଲ ହୋଇଥିଲେ । କେବଲ ଟେଲିଭିଜନ ପ୍ରସାରଣ ଆରମ୍ଭ ହେବା ଚାରିବର୍ଷ ମଧ୍ୟରେ ରୁଲ ଓ ପାଞ୍ଚ ବର୍ଷରେ ଆକ୍ଟ ଲାଗୁ ହୋଇଥିଲା । ଟେଲିଭିଜନ ପ୍ରସାରଣ ସମ୍ବନ୍ଧୀତ ଦର୍ଶକଙ୍କ ଆପତ୍ତି ଅଭିଯୋଗର ସମାଧାନ ନିମନ୍ତେ ପ୍ରତ୍ୟେକ ଚ୍ୟାନେଲ ପକ୍ଷରୁ ଆଭ୍ୟନ୍ତରୀଣ ତଥା ଚ୍ୟାନେଲମାନଙ୍କ ବୃତ୍ତିଭିତ୍ତିକ ଶୀର୍ଷ ସଂଗଠନ ମାଧ୍ୟମରେ ଆତ୍ମ-ନିୟନ୍ତ୍ରଣ 'ସେଲଫ-ରେଗୁଲେଟିଂ' ବ୍ୟବସ୍ଥା ପାଳିତ ହୋଇ ଆସିଥିଲା ।

ତେବେ ପ୍ରଚଳିତ ଅଭିଯୋଗ ସମାଧାନ ପଦ୍ଧତିର ବୈଧୀକରଣ ନିମନ୍ତେ ସରକାରୀସ୍ତରରେ ଦୀର୍ଘ ଦିନରୁ ପ୍ରୟାସ ଜାରୀ ରହିଥିଲା । ଉଲ୍ଲେଖଯୋଗ୍ୟ ବିଷୟ ଏହି ଯେ ସୁପ୍ରିମ କୋର୍ଟ ପକ୍ଷରୁ ୨୦୦୦ରେ 'କମନ କଜ ବନାମ ୟୁନିୟନ ଅଫ ଇଣ୍ଡିଆ' ମାମଲାରେ ଏଦିଗରେ ବିହିତ ପଦକ୍ଷେପ ନେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଦେଶରେ ୨୦୨୧ ସୁଦ୍ଧା କେନ୍ଦ୍ର ସରକାରଙ୍କ ପକ୍ଷରୁ ୯୦୦ରୁ ଊର୍ଦ୍ଧ୍ୱ ଘରୋଇ ଚ୍ୟାନେଲକୁ ପ୍ରସାରଣ ନିମନ୍ତେ ଅନୁମତି ଦିଆଯାଇଥିବା ଏବଂ ସ୍ଥଳ ବିଶେଷରେ ପ୍ରସାରକଙ୍କ ପକ୍ଷପାକ୍ଷିତା ନୀତିନିର୍ଦ୍ଧାରଣ ଦ୍ୱାରା ସାଧାରଣ ନାଗରିକ ନ୍ୟାୟ ନିମନ୍ତେ ଅଦାଲତର ଦ୍ୱାରସ୍ଥ ହେଉଥିବା ଘଟଣା ବୃଦ୍ଧି ସରକାରୀ ନୀତିନିୟମ ସଂଶୋଧନ ସପକ୍ଷରେ ଯାଏ । ସର୍ବୋପରି ଗଣମାଧ୍ୟମ ବିଚାରଣା 'ମିଡ଼ିଆ ଟ୍ରାଏଲ' ଦ୍ୱାରା ବ୍ୟକ୍ତିବିଶେଷ ସର୍ବସାଧାରଣରେ ନିନ୍ଦିତ ହେଉଥିବା ତଥା ପ୍ରଶାସନିକ ଓ ବିଚାର ବିଭାଗ ପ୍ରକ୍ରିୟାକୁ କେତେକାଂଶରେ ପ୍ରଭାବିତ କରୁଥିବା ମଧ୍ୟ ଅଭିଯୋଗ ହୁଏ । ଅପରପକ୍ଷରେ ବିନା ସ୍ୱୀକାରୋକ୍ତିରେ ଦେୟଯୁକ୍ତ ପ୍ରାୟୋଜିତ କାର୍ଯ୍ୟକ୍ରମ ପ୍ରସାରଣ ଗଣମାଧ୍ୟମ ପରିବେଶକୁ ପ୍ରଦୂଷିତ କରୁଥିବା ଉଦାହରଣର ମଧ୍ୟ ଅଭାବ ନଥାଏ ।

କେବଲ ଟେଲିଭିଜନ ନେଟୱାର୍କ (ଏମେଣ୍ଡମେଣ୍ଟ) ରୁଲସ ୨୦୨୧ ଚ୍ୟାନେଲ ଗୁଡ଼ିକରେ ପ୍ରସାରିତ କାର୍ଯ୍ୟକ୍ରମ ସଂପର୍କରେ ଅଭାବ ଅଭିଯୋଗ ମୀମାଂସା ପଦ୍ଧତିର ବୈଧିକରଣ 'ଷ୍ଟାଟୁଏଟରି ମେକାନିଜମ' ଆଧାରିତ । ଏଥିଲାଗି ଏକ ତ୍ରିସ୍ତରୀୟ ବ୍ୟବସ୍ଥା ପ୍ରସ୍ତାବନା କରାଯାଇଛି । ପ୍ରଥମତଃ, ବ୍ୟକ୍ତିବିଶେଷ କୌଣସି ଟେଲିଭିଜନ ଚ୍ୟାନେଲରେ ପ୍ରସାରିତ କୌଣସି କାର୍ଯ୍ୟକ୍ରମ ସଂପର୍କୀତ ଯେକୌଣସି ଅଭିଯୋଗ ସଂପୃକ୍ତ ଚ୍ୟାନେଲ ଠାରେ ଦାଖଲ କରିପାରିବେ । ଏଥିଲାଗି ପ୍ରତ୍ୟେକ ଚ୍ୟାନେଲ ବିଧିବଦ୍ଧ ବ୍ୟବସ୍ଥା ଗ୍ରହଣ କରିବେ । ଅଭିଯୋଗ ପାଇବାର ୨୪ ଘଣ୍ଟା ମଧ୍ୟରେ ଚ୍ୟାନେଲ ଅଭିଯୋଗର ପ୍ରାପ୍ତିସ୍ୱୀକାର କରି ଆଭ୍ୟନ୍ତରୀଣ କମିଟି ଦ୍ୱାରା ତଦନ୍ତ ସାରି ୧୫ ଦିନ ମଧ୍ୟରେ ନିଷ୍ପତ୍ତି ଜଣାଇବେ ।

ଏହି କାର୍ଯ୍ୟଭାର ତୁଲାଇବା ଲାଗି ପ୍ରତ୍ୟେକ ଚ୍ୟାନେଲ ଜନୈକ କର୍ମକର୍ତ୍ତାଙ୍କୁ ନିୟୋଜିତ କରି ନିଜସ୍ୱ ୱେବସାଇଟରେ ଅଭିଯୋଗ ଦାଖଲ ପଦ୍ଧତି ସଂପର୍କୀତ ସୂଚନା ପ୍ରକାଶ କରିବାକୁ ବାଧ୍ୟ । ଦ୍ୱିତୀୟତଃ, ଅଭିଯୋଗକାରୀ ଚ୍ୟାନେଲ ପକ୍ଷରୁ ପ୍ରଦତ୍ତ ନିଷ୍ପତ୍ତିରେ ସନ୍ତୁଷ୍ଟ ନହେଲେ ସଂପୃକ୍ତ ଚ୍ୟାନେଲ ସଦସ୍ୟଭୁକ୍ତ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ବୃତ୍ତିଭିତ୍ତିକ ଆତ୍ମନିୟନ୍ତ୍ରିତ ଶୀର୍ଷ ସଂଗଠନ ପକ୍ଷରୁ ଗଠିତ ଅଭିଯୋଗ ସମିତି ଠାରେ ଅପିଲ କରିପାରିବେ । ସେହିପରି ପ୍ରାଥମିକସ୍ତରରେ ଚ୍ୟାନେଲ ନିକଟରେ ଅଭିଯୋଗ ଦଖଲର ୧୫ ଦିନ ମଧ୍ୟରେ ସଂପୃକ୍ତ ଚ୍ୟାନେଲଠାରୁ ନିଷ୍ପତ୍ତି ନ ପାଇ ପାରିଲେ ମଧ୍ୟ ଦ୍ୱିତୀୟ ସ୍ତରରେ ଅପିଲ କରିପାରିବେ ।

ଦ୍ୱିତୀୟସ୍ତରରେ ଅଭିଯୋଗ ବିଚାର ନିମନ୍ତେ ସମୟସୀମା ଆବେଦନ ପ୍ରାପ୍ତିଠାରୁ ୬୦ ଦିନ ଧାର୍ଯ୍ୟ ହୋଇଛି ।ଶୀର୍ଷ ସଂଗଠନ ପକ୍ଷରୁ ନିଷ୍ପତ୍ତି ଗ୍ରହଣର ୧୫ ଦିନ ମଧ୍ୟରେ ଅଭିଯୋଗକାରୀଙ୍କୁ ଜଣାଇ ଦିଆଯିବା ପ୍ରାବଧାନ ରହିଛି । ତେବେ ପ୍ରଥମ ଓ ଦ୍ୱିତୀୟ ଉଭୟସ୍ତରର ନିଷ୍ପତ୍ତିରେ ସନ୍ତୁଷ୍ଟ ନ ହେଲେ ଅଭିଯୋଗ ତୃତୀୟସ୍ତରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଅନ୍ତଃ-ବିଭାଗୀୟ ସମିତିଠାରେ ଶେଷ ଅପିଲ କରିପାରିବେ । ଏହି ସମିତିରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଜଣେ ଅତିରିକ୍ତ ସଚିବସ୍ତରୀୟ କର୍ମଚାରୀ ଅଧକ୍ଷ ଏବଂ ଇଲେକ୍ଟ୍ରୋନିକ୍ସ ଏଣ୍ଡ ଇନଫରମେସନ ଟେକନୋଲଜି, ବୈଦେଶିକ, ପ୍ରତିରକ୍ଷା, ମହିଳା ଓ ଶିଶୁକଲ୍ୟାଣ ମନ୍ତ୍ରଣାଳୟ ଗୁଡ଼ିକର ପ୍ରତିନିଧିଙ୍କ ସହ ଅନ୍ୟ ସଂଗଠନ ତଥା ବିଶେଷଜ୍ଞମାନଙ୍କୁ ସଦସ୍ୟ ମଣ୍ଡଳୀରେ ସାମିଲ ହେବେ । ଜନସାଧାରଣଙ୍କ ଅଭିଯୋଗ ସହ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ମାମଲାଗୁଡ଼ିକର ମଧ୍ୟ ଏହି ତତ୍ତ୍ୱାବଧାରକ ସମିତି ବିଚାରଣା କରିବେ । ଏହି ସମିତି ନିଜ ମାମଲା ସଂପର୍କୀତ ନିଷ୍ପତ୍ତିଗୁଡ଼ିକ କେନ୍ଦ୍ର ସରକାରଙ୍କୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁମୋଦନ କରିବା ବ୍ୟବସ୍ଥା ରହିବ ।

ଦ୍ୱିତୀୟସ୍ତରରେ ଅଭିଯୋଗ ବିଚାର ନିମନ୍ତେ ପ୍ରତିଷ୍ଠିତ ବୃତ୍ତିଗତ ସଂଗଠନଗୁଡ଼ିକ ପଞ୍ଜୀକରଣ ନିମନ୍ତେ ସରକାରଙ୍କଠାରେ ଆବେଦନ କରିବେ ଏବଂ ସରକାରୀ ସ୍ୱୀକୃତି ପାଇବା ପରେ ସଦସ୍ୟଭୁକ୍ତ ଟେଲିଭିଜନ ଚ୍ୟାନେଲଗୁଡ଼ିକ ବିରୋଧରେ ଆଗତ ଜନସାଧାରଣଙ୍କ ଅଭିଯୋଗ ବିଚାର କରିବା କ୍ଷମତାପ୍ରାପ୍ତ ହେବେ । ସରକାରଙ୍କ ସ୍ୱୀକୃତି ଲାଗି ଆବେଦନ କରିବା ବୃତ୍ତି ଭିତ୍ତିକ ସଂଗଠନଗୁଡ଼ିକରେ ଅନ୍ତତଃ ପକ୍ଷେ ୪୦ ଗୋଟି ଟେଲିଭିଜନ ଚ୍ୟାନେଲ ସଦସ୍ୟଭୁକ୍ତ ହୋଇଥିବା ଅନିର୍ବାର୍ଯ୍ୟ । ନିୟମ ପ୍ରଣୟନ ବିଜ୍ଞପ୍ତି ପ୍ରକାଶନରେ ୩୦ ଦିନ କିମ୍ବା ସଂଗଠନର ୩୦ ଦିନ ମଧ୍ୟରେ ସରକାରୀ ପଞ୍ଜୀକରଣର ସୁବିଧା ଲାଗି ଆବେଦନ କରାଯାଇ ପାରିବ । 'ଆଡ଼ଭାଟାଇଜିଂ ଷ୍ଟାଣ୍ଡାର୍ଡ କାଉନସିଲ ଅଫ ଇଣ୍ଡିଆ' ବିଜ୍ଞାପନ ନିମନ୍ତେ ଧାର୍ଯ୍ୟ ଆଚରଣ ସଂହିତାର ଉଲଂଘନ ସଂପର୍କୀତ ଅଭିଯୋଗ ଗୁଡ଼ିକ ୬୦ ଦିନ ମଧ୍ୟରେ ବିଚାର କରି ନିଷ୍ପତ୍ତି ଶୁଣାଇବା ବ୍ୟବସ୍ଥା ରହିବ ।

ଗଣମାଧ୍ୟମ ବିଶ୍ଳେଷକମାନଙ୍କ ବିଚାରରେ ପ୍ରଥମତଃ, କେବଲ ଟେଲିଭିଜନ ନେଟୱାର୍କ ରୁଲସ ସଂଶୋଧନ ଏକ ନୂତନ ଆଇନ ନୁହେଁ, ୧୯୯୫ରେ ପ୍ରଣୀତ ଆଇନ ଉପଯୋଗଲାଗି ନିୟମାବଳୀର ସଂଶୋଧନରେ ସୀମିତ । ଦ୍ୱିତୀୟତଃ, ଫେବୃୟାରୀ ୨୦୨୧ରେ ଓଭର-ଦି-ଟପ ମଞ୍ଚ ନିମନ୍ତେ ଆଚରଣ ସଂହିତା ଓ ଅଭିଯୋଗ ବିଚାର ବୈଧାନିକ ପ୍ରକ୍ରିୟା ଅନୁସରଣଲାଗି ପ୍ରଚଳିତ ଆଇନ ଉପଯୋଗର ନିୟମାବଳୀ ସଂଶୋଧନ ପରେ ଟେଲିଭିଜନ ଚ୍ୟାନେଲଗୁଡ଼ିକ କ୍ଷେତ୍ରରେ ସେହି ଧରଣର ନୀତିନିୟମ ନିର୍ଦ୍ଧାରିତ ହୋଇଛି । ତୃତୀୟତଃ, ଟେଲିଭିଜନ ଓ ଓଟିଟି ମଞ୍ଚରେ ପ୍ରସାରିତ କାର୍ଯ୍ୟକ୍ରମ ପ୍ରାଥମିକ ସ୍ତରରେ ସଂପୃକ୍ତ ସଂସ୍ଥା, ଦ୍ୱିତୀୟ ସ୍ତରରେ ସଂପୃକ୍ତ ସଂସ୍ଥା ସଦସ୍ୟତା ଗ୍ରହଣ କରିଥିବା ସଂଗଠନ ଓ ତୃତୀୟ ସ୍ତରରେ ସରକାରୀ କଳକୁ ନିୟୋଜିତ କରାଯାଇଛି । ଏତଦ୍ୱାରା ସାଧାରଣ ନାଗରିକ ଉପକୃତ ହେବେ, ନ୍ୟାୟିକ ବ୍ୟବସ୍ଥା ଉପରୁ ବୋଝ କମିଯିବ, ବିବାଦର ସମାଧାନ ସୀମିତ ସମୟ ମଧ୍ୟରେ ସଂଭବ ହେବ । ତେବେ ବିଚାର ପ୍ରକ୍ରିୟାରେ ଶୀର୍ଷସ୍ତରରେ ସରକାରୀ କର୍ମଚାରୀଙ୍କୁ ସାମିଲ କରାଯିବା ଫଳରେ କ୍ଷମତାସୀନ ରାଜନୀତିକ ଦଳ ଓ ସରକାରଙ୍କ ପ୍ରଭାବ ବଳବତ୍ତର ରହିବ ବୋଲି ସମାଲୋଚନା ହୁଏ ।

ସର୍ବୋପରି ମୂଳସ୍ରୋତ ଗଣମାଧ୍ୟମର ଦୁଇ ମୁଖ୍ୟ ମଞ୍ଚ ଟେଲିଭିଜନ ଓ ଓଟିଟି, ତତ୍ ସଙ୍ଗେ ଡିଜିଟାଲ ମିଡ଼ିଆରେ ପ୍ରସାରିତ ବା ପ୍ରକାଶିତ କାର୍ଯ୍ୟକ୍ରମ ବା ପାଠ୍ୟ, ଚିତ୍ର ବିରୋଧରେ ଅଭିଯୋଗ ଦାଖଲ ଓ ସମାଧାନ ନିମନ୍ତେ ଅଦାଲତ-ବାହ୍ୟ ପରିବେଶରେ ବୈଧାନିକ ବ୍ୟବସ୍ଥା ଲାଗୁ କରାଯିବା ପରେ ମୁଦ୍ରଣ ଗଣମାଧ୍ୟମ, ମୁଖ୍ୟତଃ ସମ୍ବାଦପତ୍ର କ୍ଷେତ୍ରରେ ଅନୁରୂପ ନିୟମ ସଂଶୋଧନ ପ୍ରକ୍ରିୟା ଲାଗୁ କରାଯିବା ଆଶଙ୍କା ଘନୀଭୂତ ହୋଇଛି । କୁହାଯାଇ ପାରେ ଯେ ସମ୍ବାଦ ପତ୍ରରେ ଆପତ୍ତିମୂଳକ ପ୍ରକାଶନ ବିରୋଧରେ ଅଭିଯୋଗ ପାଇଁ 'ପ୍ରେସ କାଉନସିଲ ଅଫ ଇଣ୍ଡିଆ' ଆଇନର ପ୍ରାବଧାନ ରହିଛି । କିନ୍ତୁ ସମ୍ବାଦପତ୍ର କ୍ଷେତ୍ରରେ ଜନସାଧାରଣଙ୍କ ଅଭିଯୋଗ ସମାଧାନର ସମୟସୀମା ନିର୍ଦ୍ଧାରିତ ହୋଇ ପାରି ନାହିଁ । 'ପ୍ରେସ କାଉନସିଲ ଅଫ ଇଣ୍ଡିଆ' ଆଇନ ଉପଯୋଗ ନିୟମରେ ସାମାନ୍ୟ ପରିବର୍ତ୍ତନରେ ଏହିଭଳି ପଦକ୍ଷେପ ଗ୍ରହଣ ଆଶଙ୍କାକୁ ଏଡ଼ାଇ ଦେଇ ହୁଏ ନାହିଁ । ଏହି ଦିଗରେ ପୂର୍ବପ୍ରସ୍ତୁତି ସରିଲାଣି ବୋଲି କହିବାକୁ ହେବ ।

## ଭକ୍ତିର ମର୍ମ... ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ

ସେ ଭଗବାନଙ୍କୁ ଭକ୍ତିପୂର୍ବକ ସ୍ନାନ କରାଇଲେ ଓ ସୁଗନ୍ଧିତ ଚନ୍ଦନ, ପୁଷ୍ପ ଆଦି ଅର୍ପଣ କଲେ ଏବଂ ହରିପ୍ରେମରେ ସମ୍ପୂର୍ଣ୍ଣରୂପେ ବୁଡ଼ିଯାଇ ଶ୍ରୀହରିଙ୍କ ଦିବ୍ୟ ସ୍ୱରୂପର ଧ୍ୟାନ କରି ତାଙ୍କର ସ୍ତୁତି କରିବାରେ ଲାଗିଲେ । ତାଙ୍କ ନେତ୍ରରୁ ପ୍ରେମାଶ୍ରୁର ଧାର ବୋହିବାରେ ଲାଗିଲା । ସେଠାରେ ବସିଥିବା ରାଜା ଦେଖିଲେ ଯେ ବିଷ୍ଣୁଦାସ ଜଳ ଆଦି ଅର୍ପଣ କରି ତାଙ୍କ ଦ୍ୱାରା କରାଯାଇଥିବା ଭଗବାନଙ୍କ ଶୃଙ୍ଗାର, ବସ୍ତ୍ରାଦିକ ଭିଜାଇ ଦେଇଛନ୍ତି । ବିଷ୍ଣୁଦାସଙ୍କ ଉପରେ ରାଜାଙ୍କର ବଡ଼ କ୍ରୋଧ ଆସିଲା ।

ରାଜା ବିଷ୍ଣୁଦାସଙ୍କୁ କଡ଼ା ଭର୍ତ୍ସନା କରି କହିଲେ ଏ ବ୍ରାହ୍ମଣ ! ତୋର କ'ଣ ତିଳେ ମାତ୍ର ବୁଦ୍ଧି ନାହିଁ ? ତୁ ଭଗବାନଙ୍କ ଶୃଙ୍ଗାର କାହିଁକି ଖରାପ କରିଦେଲୁ ? ମୁଁ ଭଗବାନଙ୍କର କେଡ଼େ ସୁନ୍ଦର ଶୃଙ୍ଗାର କରିଥିଲି । ତୁ ସବୁ ବିଗାଡି ଦେଲୁ । ଭଗବାନଙ୍କ ସୁନ୍ଦର ଶୃଙ୍ଗାରକୁ ନଷ୍ଟ କରି ଓ ଜଳ ପୁଷ୍ପାଦି ଅର୍ପଣ କରି ତୁ କ'ଣ ଭଗବାନଙ୍କୁ ପ୍ରସନ୍ନ କରି ପାରିବ ? ବିଲକୁଲ ନୁହେଁ । ଭଗବାନଙ୍କୁ ଏମିତି ପ୍ରସନ୍ନ କରାଯାଏ ନାହିଁ ।

ଭକ୍ତ ବିଷ୍ଣୁଦାସ ବଡ଼ ବିନମ୍ର ଭାବରେ ଉତ୍ତର ଦେଇ କହିଲେ ରାଜନ ! ମୋତେ କ୍ଷମା କରନ୍ତୁ । ଆପଣଙ୍କ ଦ୍ୱାରା କରାଯାଇଥିବା ଭଗବାନଙ୍କର ବିଶେଷ ଶୃଙ୍ଗାର ଉପରେ ମୋର ନଜର ହିଁ ପଡି ନାହିଁ । ମୁଁ ତ ସେହି ଶୃଙ୍ଗାରରେ କେବଳ ମୋର ପ୍ରଭୁଙ୍କୁ ହିଁ ଦେଖି ପାରୁଥିଲି ଏବଂ ବାକି ରହିଲା ଭଗବାନଙ୍କୁ ପ୍ରସନ୍ନ କରିବା କଥା, ତ ମୋର ଦୃଢ଼ ବିଶ୍ୱାସ ଯେ ଭଗବାନଙ୍କ ପ୍ରତି ଯଦି ସଚ୍ଚା ପ୍ରୀତି ଥିବ ତେବେ ଜଳ ପୁଷ୍ପାଦି ଦ୍ୱାରା ମଧ୍ୟ ଭଗବାନଙ୍କୁ ପ୍ରସନ୍ନ କରାଯାଇ ପାରେ । ଭଗବାନଙ୍କ ପୂଜା କେବଳ ଯେ ସୁବର୍ଣ୍ଣ ପୁଷ୍ପ ଓ ଆଭୂଷଣ ଦ୍ୱାରା ହେବ, ଏମିତି କିଛି କଥା ନାହିଁ ଆଉ ମୁଁ ଏହାକୁ ମାନେ ନାହିଁ । ଭଗବାନ ଯଦି ସୁବର୍ଣ୍ଣ ପୁଷ୍ପ, ହୀରା ମାଣିକ୍ୟ ଆଦି ଦ୍ୱାରା ପ୍ରସନ୍ନ ହେଉଥାନ୍ତେ ତାହେଲେ ଆମେ ଗରିବ ଲୋକେ ଭଗବାନଙ୍କର ପୂଜା କିପରି କରି ପାରନ୍ତୁ ? ତାଙ୍କୁ କିପରି ପ୍ରେମ କରି ପାରନ୍ତୁ ? ପୁଣି ମୋର ପ୍ରଭୁ ମୋ ପରି ଦୀନ ଉପରେ ନିଜର କୃପା କିପରି କରି ପାରନ୍ତେ ? ମୁଁ ତ ଜଳ ପୁଷ୍ପାଦି ଅର୍ପଣ କରି ପ୍ରତିକ୍ଷଣ ପ୍ରଭୁଙ୍କ କୃପାର ଅନୁଭବ କରି ପାରୁଛି । ତେଣୁକରି ହେ ରାଜନ୍ । ଆପଣ ଧନର ଗର୍ବ ଛାଡି ଦିଅନ୍ତୁ । ଅନ୍ୟ ଲୋକମାନେ ନିଜର ସ୍ଥିତି ଅନୁସାରେ ପୂଜା କରନ୍ତୁ । ଏଥିରେ ଆପଣ ମଧ୍ୟ ପ୍ରସନ୍ନ ହେବା ଉଚିତ ।

ଭକ୍ତ ବିଷ୍ଣୁଦାସଙ୍କ ଧର୍ମଯୁକ୍ତ କଥା ରାଜା ଚୋଳଙ୍କ ହୃଦୟକୁ ଝଙ୍କୃତ କରିଦେଲା । ତାଙ୍କ ଅଭିମାନ ଭାଙ୍ଗି ଧୂଳିସାତ୍ ହୋଇଗଲା । ଆଜି ଜଣେ ସଚ୍ଚା ହରିଭକ୍ତ କାରଣରୁ ସେ ଭଗବାନଙ୍କ ଭକ୍ତି ତଥା ତାଙ୍କ ପୂଜାର ସଚ୍ଚା ମର୍ମ ବୁଝି ପାରିଲେ । ରାଜା ଚୋଳ ସେହି ଗରିବ ବିଷ୍ଣୁଦାସଙ୍କ ସମକ୍ଷରେ ନତମସ୍ତକ ହୋଇଗଲେ ଓ ସେହି ଦିନ ଠାରୁ ଭାବପୂର୍ବକ ଭଗବାନଙ୍କ ଭକ୍ତି କରିବାରେ ଲାଗିଲେ କାରଣ ଭକ୍ତିର ପ୍ରକୃତ ମର୍ମ ସେ ବୁଝି ଯାଇଥିଲେ ।

# ଜିଲ୍ଲା ପ୍ରଶାସନ ଓ ଏମସିଏଲ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର

ବଲାଙ୍ଗୀର : ମହାନଦୀ କୋଲ ଫିଲ୍ଡ ଲିମିଟେଡର ସିଏସଆର କାର୍ଯ୍ୟକ୍ରମ ଜରିଆରେ ବଲାଙ୍ଗୀର ଜିଲ୍ଲାରେ ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ପାଇଁ ପ୍ରୋଜେକ୍ଟ 'ପ୍ରଗତି' ନିମନ୍ତେ ଜିଲ୍ଲା ପ୍ରଶାସନ ଏବଂ ଏମସିଏଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଚଞ୍ଚଳ ରାଣା ଓ ଏମସିଏଲ ସିଏସଆର ମହାପ୍ରବନ୍ଧକ ପ୍ରଣବ କୁମାର ଚକ୍ରବର୍ତ୍ତୀ ଚୁକ୍ତିନାମା ସ୍ୱାକ୍ଷରିତ କରିଥିଲେ । ପ୍ରୋଜେକ୍ଟ ପ୍ରଗତି କାର୍ଯ୍ୟକ୍ରମ ମାଧ୍ୟମରେ ବଲାଙ୍ଗୀର ଜିଲ୍ଲାରେ ସ୍ୱାସ୍ଥ୍ୟ ଓ ଶିକ୍ଷାର ଭିତ୍ତିଭୂମି ବିକାଶ ପାଇଁ ୧୩ ଟି ପ୍ରକଳ୍ପ ନିମନ୍ତେ ମୋଟ ୩ କୋଟି ୬୪ ଲକ୍ଷ ୭୫ ହଜାର ୮୫୨ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି । ଏହି ୧୩ଟି ପ୍ରକଳ୍ପ ମଧ୍ୟରେ ବଲାଙ୍ଗୀର ଦିବ୍ୟାଙ୍ଗ ସ୍କୁଲର ଉନ୍ନତିକରଣ ନିମନ୍ତେ ୭.୩୫ ଲକ୍ଷ, ତିନୋଟି ସ୍ଥାନରେ କୁଷ୍ଠ କଲୋନୀର ଉନ୍ନତି ନିମନ୍ତେ ୪୧ ଲକ୍ଷ, ପୁଇଁତଲା ଓ ସଇଁତଲା କୁଷ୍ଠ କଲୋନୀର କମ୍ୟୁନିଟି ହଲ ନିର୍ମାଣ ସକାଶେ ୭୦ ଲକ୍ଷ, ବଲାଙ୍ଗୀର ସରକାରୀ ଆଇଟିଆଇର ବିଭିନ୍ନ ଟ୍ରେଡର ଉପକରଣ ଓ ଯନ୍ତ୍ରପାତି ଯୋଗାଣ ବାବଦରେ ୧୫.୨୯ ଲକ୍ଷ, ସରକାରୀ ଆଇଟିଆଇ ହଷ୍ଟେଲ ପରିସରରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ନିମନ୍ତେ ୧୯.୯୮ ଲକ୍ଷ, ଆଇଟିଆଇ ଛାତ୍ରଛାତ୍ରୀଙ୍କ ଅଭିପ୍ରେରଣ କାର୍ଯ୍ୟକ୍ରମ ସକାଶେ ୪.୭୨ ଲକ୍ଷ, ବଲାଙ୍ଗୀର ସରକାରୀ ପଲିଟେକନିକର ପଶ୍ଚିମ ପାର୍ଶ୍ୱର ରାସ୍ତା ନିର୍ମାଣ ବାବଦରେ ୫୭.୪୭ ଲକ୍ଷ, ସରକାରୀ ପଲଇଟେକନିକର ଯନ୍ତ୍ରପାତି ପାଇଁ ୧୬.୫୭ ଲକ୍ଷ, ୧୪ ଗୋଟି ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୫ ଟି ମ୍ୟୁନିସିପାଲିଟି ଏବଂ ଏନଏସି ନିମନ୍ତେ ହସ୍ତଚାଳିତ ପର୍ଟେବୁଲେ ଫଗିଙ୍ଗ ମେସିନ ନିମନ୍ତେ ୧୬ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ବଲାଙ୍ଗୀର ଜିଲ୍ଲାର ବିକାଶ ପ୍ରକ୍ରିୟାରେ ମହାନଦୀ କୋଲ ଫିଲ୍ଡ ସହଯୋଗ କରିଥିବାରୁ ଜିଲ୍ଲାପାଳ ରାଣା ଧନ୍ୟବାଦ ଦେଇଥିଲେ । ଏହି ପ୍ରକଳ୍ପ ଗୁଡିକ ଆସନ୍ତା ଦୁଇବର୍ଷ ମଧ୍ୟରେ ଶେଷ ହେବ ବୋଲି କହିଥିଲେ । ଏମସିଏଲ ସିଏସଆର ମହାପ୍ରବନ୍ଧକ ଚକ୍ରବର୍ତ୍ତୀ ତାଙ୍କ ବକ୍ତବ୍ୟରେ ସିଏସଆର ଅନୁଦାନରେ ଆକାଂକ୍ଷୀ ଜିଲ୍ଲା ବଲାଙ୍ଗୀର, ନୂଆପଡ଼ା, କନ୍ଧମାଳ ଓ ରାୟଗଡ଼ାରେ କିଭଳି ପ୍ରକଳ୍ପ କାର୍ଯ୍ୟକାରୀ ହେବ ସେନେଇ ସୂଚନା ଦେଇଥିଲେ । ଡେପୁଟି କଲେକ୍ଟର ପ୍ରୀତମ ତନ୍ତୀ ସ୍ୱାଗତ ବକ୍ତବ୍ୟ ଦେବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଏମସିଏଲର ସିଏସଆର ଆସିଷ୍ଟାଣ୍ଟ ମେନେଜର ଅରବିନ୍ଦ ସାହୁ, ସିଏଡିଏମଓ ଡକ୍ଟର ଭୀମ ସାହୁ, ପୁଇଁତଲା ବିଡିଓ ରବିନାରାୟଣ ଆଚାର୍ଯ୍ୟ, ଆଗଲପୁର ବିଡିଓ ଭୁବନ କୁମାର ଶତପଥୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ ଓ ସରକାରୀ ଆଇଟିଆଇ ଅଧକ୍ଷ କମ୍ବୁପାଣି ମେହେର ଉପସ୍ଥିତ ଥିଲେ ।

# ଅନ୍ତାକ୍ଷରୀ କୀର୍ତ୍ତନ ପାଇଁ ବୈଠକ

ସୋନପୁର : ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡା ବ୍ଲକ ବାବୁପାରଲି ଶ୍ରୀରାମ ମଠ ଠାରେ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ସଂକୀର୍ତ୍ତନ କଳାକାରମାନଙ୍କର ଏକ ବୈଠକ ଶାନ୍ତନୁ ମହାକୁଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଂପ୍ରତି କରୋନା ଯୋଗୁଁ ହଜାର ହଜାର ସଂକୀର୍ତ୍ତନ କଳାକର ବସିରହି ଆର୍ଥିକ ଅନଟନର ସମ୍ମୁଖୀନ ହେଉଥିବାରୁ ସରକାର ସେମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ବୈଠକରେ ଦାବି କରାଯାଇଥିଲା । ଜୁଲାଇ ମାସରେ ବୁଲୁ ବାବା ଗୌରାତ୍ରୀ ଗାୟତ୍ରୀ ପୀଠଠାରେ ଅନ୍ତାକ୍ଷରୀ ସଂକୀର୍ତ୍ତନ ଆୟୋଜନ କରାଯିବାକୁ ମଧ ବୈଠକରେ ସ୍ଥିରୀକୃତ ହୋଇଥିଲା । ରଂଜନ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକ ଆରମ୍ଭରେ ଡକ୍ଟର ଅଟଳ ବିହାରୀ ପଣ୍ଡା ଓ ଦୋଳଗୋବିନ୍ଦ ମାଝୀଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟାନ୍ୟମାନଙ୍କ ମଧ୍ୟରେ ପର୍ଶୁରାମ ବାରିକ, ଗୋପାଳ ରାଉତ, ନବୀନ ପ୍ରଧାନ, ମିତ୍ରଭାନୁ ପ୍ରଧାନ, ରବିନାରାୟଣ ତାଙ୍ଗ, ଗୌତମ ଦେହୁରୀ, ଗୋବିନ୍ଦ ଦେହୁରୀ, ବସନ୍ତ ନାୟକ, ଦେବରଂଜନ କର୍ଣ୍ଣ, ସର୍ବେଶ୍ୱର ଦେହୁରୀ ଓ ସୁରେଶ ବିଶିଙ୍କ ସମେତ ଜିଲ୍ଲାର ବହୁ ବରିଷ୍ଠ କଳାକାର ଏଥିରେ ଉପସ୍ଥିତ ଥିଲେ । ଶ୍ରୀ ଯୁଗଳ କିଶୋର ମିତ୍ର ସ୍ୱାଗତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୁର୍ଲା ଲାୟନ୍ସ କ୍ଲବର ନୂତନ କର୍ମକର୍ତ୍ତା

ବୁର୍ଲା : ୨୦୨୧-୨୨ ବର୍ଷ ପାଇଁ ବୁର୍ଲା ଲାୟନ୍ସ କ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି । ଏଥିରେ ଆଲିଭ ପ୍ରସାଦ ସାହୁ ସଭାପତି, ମମତା ଚୌଧୁରୀ ସମ୍ପାଦକ ଏବଂ ସୀମା ଶତପଥି କୋଷାଧକ୍ଷ ରୂପେ ନିର୍ବାଚିତ ହୋଇଛନ୍ତି । ଏହି ଅବସରରେ କ୍ଲବ ପକ୍ଷରୁ ପାଳିତ ହୋଇଥିବା ବିଶ୍ୱ ଡାକ୍ତର ଦିବସରେ ଡାକ୍ତର ଅରବିନ୍ଦ ମହାକୁଡ଼, ଡାକ୍ତର ରଶ୍ମିରେଖା ମହାକୁଡ଼ ଏବଂ ଡାକ୍ତର ରବୀନ୍ଦ୍ର ପ୍ରଧାନଙ୍କୁ ତାଙ୍କ ନିସ୍ୱାର୍ଥ ସେବା ପାଇଁ ସମ୍ମାନିତ କରାଯାଇଥିଲା । ଏହାଛଡ଼ା କ୍ଲବର ସଦସ୍ୟମାନେ ବୃକ୍ଷରୋପଣ ମଧ କରିଥିଲେ ।

## ୪ ରାଜସ୍ୱ କାର୍ଯ୍ୟାଳୟ ଉଦଘାଟିତ

ବରଗଡ଼ : ସୋହେଲା ବ୍ଲକରେ ନୂତନ ଭାବେ ୪ଟି ଆରଆଇ ସର୍କଲର କାର୍ଯ୍ୟାଳୟ ଉଦଘାଟିତ ହୋଇ ଯାଇଛି । ସୋହେଲା ତହସିଲଦାର ମାନସ ରଞ୍ଜନ ସ୍ୱାଇଁଙ୍କ ଉପସ୍ଥିତିରେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ନୂତନ ରୂପେ ଗଠିତ ହୋଇଥିବା ସାଲେପାଲି, ଛୁରିଆପାଲି, ଗର୍ଜନା ଓ ସରକଣ୍ଡା ରାଜସ୍ୱ କାର୍ଯ୍ୟାଳୟ ଉଦଘାଟନ କରିଥିଲେ । ପରେ ବାଉସେନମୁରା ରାଜସ୍ୱ କାର୍ଯ୍ୟାଳୟ ଉଦଘାଟନ ହେବ ବୋଲି ଜଣାପଡିଛି ।

## ଜିଏମ୍‌ୟୁ ଶିକ୍ଷା ବିଭାଗରେ ଆଲୋଚନା ଚକ୍ର

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗରେ ବ୍ଲେଣ୍ଡେଡ୍ ପାଠ ପଢାକୁ ନେଇ ଜାତୀୟ ସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏ.ନ୍ ନାଗାରାଜୁ ଏହାକୁ ଉଦ୍‌ଘାଟନ କରିଥିଲେ । ଏନ୍‌ୟୁଇପିଏ ନୂଆଦିଲ୍ଲୀର ଆଇ.ସି.ଟି ପ୍ରଫେସର କେ.ଶ୍ରୀନିବାସ ଏଥିରେ ଯୋଗ ଦେଇଥିଲେ । ମହାମାରୀ ସମୟରେ ଶିକ୍ଷା ପ୍ରତିଷ୍ଠାନ ସବୁ କ୍ଲାସ ଗୁଡିକରେ ପ୍ରତିବନ୍ଧକ ଲଗାଇଛନ୍ତି । ଏହି ସମୟରେ ବ୍ଲେଣ୍ଡେଡ ଶିକ୍ଷା ପଦ୍ଧତି ଉପରେ ଗୁରୁତ୍ୱ ଦିଆଯାଉଛି । ଯାହା ଉଭୟ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ହୋଇଥାଏ । ଏହାକୁ ସୁହାଇବା ଭଳି ପାଠ୍ୟ ଖସଡାକୁ ପ୍ରସ୍ତୁତ କରିବା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ବିଭାଗୀୟ ମୁଖ୍ୟ ଡକ୍ଟର ପାର୍ଥ ସାରଥୀ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ । ସହକାରୀ ଅଧାପକ ଡକ୍ଟର ନୀନା ଦାସ ସଂଯୋଜନା କରିଥିଲେ । ବିଶ୍ୱ ବିଦ୍ୟାଳୟର ପ୍ରଫେସର ମୋହନି ମହମ୍ମଦ, ଡିପୁଟି ରେଜିଷ୍ଟ୍ରାର ଡକ୍ଟର ଉମାଚରଣ ପତିଙ୍କ ସହ ଅନ୍ୟାନ୍ୟ ଅଧାପକ ଓ ଅଧାପିକା ଏବଂ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ।

## ସରକାରୀ ମହାବିଦ୍ୟାଳୟରେ ବନମହୋତ୍ସବ

ସୁନ୍ଦରଗଡ଼ : ଜାତୀୟଯୁବ ରେଡକ୍ରସ ୟୁନିଟ୍ ପକ୍ଷରୁ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ପରିସରରେ ବନମହୋତ୍ସବ ସପ୍ତାହ ପାଳିତ ହୋଇଛି । ବନମହୋତ୍ସବ ସପ୍ତାହର ପ୍ରଥମ ଦିବସରେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡକ୍ଟର ସୁଧୀ କୁମାର ଦାଶ, ସାମାଜିକ କର୍ମୀ ବିଶ୍ୱରଞ୍ଜନ ହୋତା, ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଲଳିତ ରଂଜନ ସାହୁ, ପ୍ରାଧାପିକା ଡକ୍ଟର କୁମୁଦିନୀ ରାଉତରାୟ, ଅଧାପକ ଡକ୍ଟର ହରପ୍ରସାଦ ମହାପାତ୍ର, ପିତାମ୍ବର ବେହେରା ପ୍ରମୁଖ ଯୋଗଦେଇ ପରିବେଶ ସନ୍ତୁଳନ ନିମନ୍ତେ ଗଛ ଲଗାଇବା ଆବଶ୍ୟକ ବୋଲି ମତ ଦେଇଥିଲେ । ଏହି ଅବସରରେ ଅଧକ୍ଷ ଡକ୍ଟର ସାହୁ, ପୂର୍ବତନ ଅଧକ୍ଷ ଡକ୍ଟର ଦାଶଙ୍କ ସମେତ ଉପସ୍ଥିତ ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀମାନେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ଚାରା ରୋପଣ କରିଥିଲେ । ଆବାହକ ଡକ୍ଟର ହରପ୍ରସାଦ ମହାପାତ୍ର ସପ୍ତାହବ୍ୟାପୀ ବନ ମହୋତ୍ସବ ଉପଲକ୍ଷେ ଯୁବ ରେଡକ୍ରସ ତରଫରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ।

# ସ୍ୱର୍ଗତ ଡକ୍ଟର ଅଟଳବିହାରୀ ପଣ୍ଡାଙ୍କୁ ମରଣୋତ୍ତର ପଦ୍ମଶ୍ରୀ ପ୍ରଦାନ ଦାବି

ସୋନପୁର: ସ୍ଥାନୀୟ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ସ୍ୱର୍ଗତ ଡକ୍ଟର ଅଟଳବିହାରୀ ପଣ୍ଡାଙ୍କ ବିୟୋଗରେ ଏକ ଶୋକସଭା ନାଟ୍ୟଚକ୍ରର ନିର୍ଦ୍ଦେଶକ ମନୋଜ ବାରିକଙ୍କ ଆବାହକତ୍ୱରେ ଏବଂ ଶ୍ୟାମାଉଁ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ୱର୍ଗତ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା । ଏହି ସଭାରେ ସ୍ୱର୍ଗତ ପଣ୍ଡାଙ୍କୁ ମରଣୋତ୍ତର ପଦ୍ମଶ୍ରୀ ସମ୍ମାନ ପ୍ରଦାନ, ତାଙ୍କ ସ୍ମୃତିରେ ଏକ ଅନୁଷ୍ଠାନ ଗଠନ କରିବା, ତାଙ୍କ ନାମାନୁସାରେ କୌଣସି ରାସ୍ତା କିମ୍ବା କୋଠାର ନାମକରଣ କରିବା ଆଦି ଦାବି କରାଯାଇଥିଲା । ସେହିପରି ଡିସେମ୍ବର ୧ ତାରିଖ ଡକ୍ଟର ଅଟଳବିହାରୀ ପଣ୍ଡାଙ୍କ ଜନ୍ମ ଦିନକୁ ଅଟଳ ମହୋତ୍ସବ ଭାବରେ ସାରା ରାଜ୍ୟରେ ପାଳନ କରାଯିବାକୁ ଉଦ୍ୟମ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା ।

ଏହି ଶୋକସଭାରେ ବରିଷ୍ଠ ଆଇନଜୀବୀ ଗୌରୀଶ୍ୟାମ ପଣ୍ଡା, ଶିକ୍ଷାବିତ ଶ୍ରୀଧର ବାଗ, ଅଭିନେତା ଡକ୍ଟର ପୁରୁଷୋତ୍ତମ ମିଶ୍ର, ଭୀମ ଭୋଇ କଳା ପରିଷଦର ସଂପାଦକ ଉମେଶ କୁମ୍ଭାର, ପଏଁରୀର ସଂପାଦକ ଚୌଧୁରୀ ବିଭାର, ସାମ୍ବାଦିକ ଦିଲ୍ଲୀପ ପାତ୍ର, ଏକ୍ସ ଏଡର ଜାତୀୟ ପ୍ରବନ୍ଧକ ଘାସିରାମ ପଣ୍ଡା, ମହାନଦୀ ସାହିତ୍ୟ ସଂସଦର ସଂପାଦକ ଡକ୍ଟର ସୌରଭ ରଞ୍ଜନ ଖମାରୀ, ଦିଲ୍ଲୀ ଜୁହାର ପରିବାରର ସଭାପତି ବାସୁଦେବ ତ୍ରିପାଠୀ, ସାମ୍ବାଦିକ ଧରଣୀଧର ମିଶ୍ର, ଦେଶଫାଲ ମହୋତ୍ସବର ଆବାହକ ବେଣୀମାଧବ ବେଦବାଦ, ସାମ୍ବାଦିକ ଗଣପତି ବାଘ, ପଏଁରୀର ସଭାପତି ଲଡୁକିଶୋର ମଲ୍ଲିକ, ସଞ୍ଜୀବ ଅନାପତି, ରମେଶ ମହାନନ୍ଦ, ଗୋବିନ୍ଦ ତାଙ୍ଗ, ଗୌରୀଶଙ୍କର ଦଣ୍ଡସେନା ପ୍ରମୁଖ ଯୋଗ ଦେଇଥିଲେ ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## ଭୀମଭୋଇ କଲେଜରେ ବିଦାୟ ସମ୍ବର୍ଦ୍ଧନା

ରେଢ଼ାଖୋଲ : ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ତଥା ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର ବାଳାଦିତ୍ୟ ବିକାଶ ଶ୍ରୀଚନ୍ଦନ ସିଂହ ଏବଂ ସଂସ୍କୃତ ବିଭାଗର ମୁଖ୍ୟ ଡକ୍ଟର ଦୁଃଶାସନ ବିଶ୍ୱାଳଙ୍କୁ ମିଳିତ ଭାବେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରାଧାପକ ଅକ୍ଷୟ କୁମାର କରଙ୍କ ସଭାପତିତ୍ୱରେ ସମସ୍ତ କର୍ମଚାରୀ ଯୋଗ ଦେଇ ସେମାନଙ୍କର ଅବସର ଜୀବନର ମଙ୍ଗଳ କାମନା କରିଥିଲେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

ଶ୍ରୀକ୍ଷେତ୍ର
04 - 10 July 2021



## ବିଜେଡି ମହିଳା ଦଳର ସମ୍ବଲପୁର ଜିଲ୍ଲା ସଭାପତି ହେଲେ ବନ୍ଦିତା ରାଣୀ ମିଶ୍ର

ସମ୍ବଲପୁର: ଆଡ଼ଭୋକେଟ ବନ୍ଦିତା ରାଣୀ ମିଶ୍ର ବିଜୁ ମହିଳା ଜନତା ଦଳର ସମ୍ବଲପୁର ଜିଲ୍ଲା ଶାଖାର ସଭାନେତ୍ରୀ ଭାବେ ନିଯୁକ୍ତି ପାଇଛନ୍ତି । ଜଣେ ଦକ୍ଷ ସଂଗଠକ ରୂପେ ପରିଚିତ ବନ୍ଦିତା ଆଡଭୋକେଟ ସ୍ୱର୍ଗତ ବିନୋଦ ବିହାରୀ ମିଶ୍ରଙ୍କ ପୁତ୍ରୀ ଅଟନ୍ତି । ଏହାଛଡ଼ା ସେ ଜଣେ ଉଚ୍ଚକୋଟୀର କଳାକାର ମଧ ଅଟନ୍ତି । ଏହି ଅବସରରେ ସମ୍ବଲପୁର ଜିଲ୍ଲା ସରକାରୀ ଓକିଲମାନଙ୍କ ତରଫରୁ ତାଙ୍କୁ ଏକ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା । ସରକାରୀ ଓକିଲ ଶ୍ରୀ ଅଶୋକ କୁମାର ସେନାପତିଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶ୍ରୀ ଆର୍ତ୍ତତ୍ରାଣ ମିଶ୍ର, ପ୍ରଫୁଲ୍ଲ କୁମାର ଦାଶ, ଆନନ୍ଦ ବଡ଼ଗାୟାଁ, ମାନଭଞ୍ଜନ ତ୍ରିପାଠୀ, ରାଙ୍ଗେୟନାଥ ଷଡ଼ଙ୍ଗୀ, ସୁରଜ ବିଶ୍ୱାଳ, ସଂଜୀବ ଷଡ଼ଙ୍ଗୀ, ଅରକ୍ଷିତ ବେହେରା, ସୁରେନ୍ଦ୍ର ଥାପା,



ଜୟକୃଷ୍ଣ ବେହେରା, ପ୍ରଦୀପ ଦୋରା, ହୃଷିକେଶ ସ୍ୱାଇଁ, ବୁଦ୍ଧଦେବ ସାହୁ, ଜ୍ଞାନ ରଞ୍ଜନ ପଣ୍ଡା, ଚିତ୍ତରଞ୍ଜନ ପଣ୍ଡା, କୃଷ୍ଣଚନ୍ଦ୍ର ମେହେର, ବିଷ୍ଣୁ ପାଢ଼ୀ, ଶୁଭକାନ୍ତ ପଟ୍ଟନାୟକ, ବୃନ୍ଦାବନ ସାହୁ, ସୁନୀଲ ମିଶ୍ର, ରବିରଞ୍ଜନ ପୂଜାରୀ, ରତ୍ନାକର ମହାରଣା, ହରିବନ୍ଧୁ ପ୍ରଧାନ, ବସନ୍ତ ମିଶ୍ର ପ୍ରମୁଖ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିଲେ । ପ୍ରଫୁଲ୍ଲ କୁମାର ଦାଶ ଶେଷରେ ଧନ୍ୟବାଦ ଦେଇଥିଲେ । ସମ୍ବଲପୁର ଜିଲ୍ଲା ବିଜୁ ମହିଳା ସଂଗଠନ କୁ ସୁଦୃଢ଼ କରିବା ପାଇଁ ସମସ୍ତେ ନବ ମନୋନୀତ ସଭାପତିଙ୍କୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ବନ୍ଦିତା ରାଣୀ ମିଶ୍ର ସମ୍ବର୍ଦ୍ଧନାର ଉତ୍ତରରେ ଆଗାମୀ ଦିନରେ ବିଜୁ ମହିଳା ଜନତା ଦଳ ସଂଗଠନକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ପଦ୍ମଶ୍ରୀ କୁଞ୍ଜ ବିହାରୀ ମେହେରଙ୍କ ସ୍ମୃତିସଭା

ବରପାଲି : ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ବିଖ୍ୟାତ ବାନ୍ଧ ଓ ବୟନ ଶିଳ୍ପ ପଦ୍ମଶ୍ରୀ କୁଞ୍ଜବିହାରୀ ମେହେରଙ୍କ ତ୍ରୟୋଦଶତମ ଶ୍ରାଦ୍ଧ ବାର୍ଷିକୀ କଳାଭାରତୀ ସଂଗ୍ରହାଳୟ ଠାରେ ପାଳିତ ହୋଇଯାଇଛି । ଏଥିରେ ଅତିଥି ଭାବେ ବିଜେପୁର ବିଧାୟିକା ରୀତା ସାହୁ, କଳାଭାରତୀ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ଡକ୍ଟର ସୁରେନ୍ଦ୍ର ମେହେର, ମହେନ୍ଦ୍ର କୁମାର ମେହେର, ନିରଞ୍ଜନ ମେହେର, ବୀରେନ୍ଦ୍ର ନାଥ ନାଗ, ହରିଚରଣ ଖଟୁଆ, ମନବୋଧ ରଣା, ସୁଦାମ ମେହେର, ରବୀନ୍ଦ୍ର କୁମାର ସାହୁ, ଉମନ ମେହେର,ହରଧାନ ମେହେର, ଅଶୋକ ଖଟୁଆ, ନବକିଶୋର ମେହେର, ତନ୍ମୟ ମେହେର, ଅଧାପକ ରମାକାନ୍ତ ତ୍ରିପାଠୀ, ଡାକ୍ତର ସୁବଳ ଚନ୍ଦ୍ର ମାଝୀ, ଚୁଡାମଣି ମେହେର ଓ ବରପାଲିର ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।



## ଡାକ୍ତର ଦିବସ ଅବସରରେ ଡାକ୍ତର ଶିଶିର ସାହୁ ସମ୍ବର୍ଦ୍ଧିତ



ବରଗଡ଼ : ବିଶ୍ୱ ଡାକ୍ତର ଦିବସ ଅବସରରେ ସୋହେଲା ଜନସାଧାରଣଙ୍କ ପକ୍ଷରୁ ସୋହେଲାର ଅବସରପ୍ରାପ୍ତ ଡାକ୍ତର ଶିଶିର ସାହୁଙ୍କୁ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ସମ୍ବର୍ଦ୍ଧିତ କରିଛନ୍ତି । ସୂଚନାଯୋଗ୍ୟ ଯେ ଡାକ୍ତର ଶିଶିର ସାହୁ ରୋଗୀ ସେବା ପାଇଁ ସମର୍ପିତ । ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ରୂପେ ଅବସର ଗ୍ରହଣ କରିବା ପରେ ସେ ଏବେ ଘରେ ରୋଗୀ ଦେଖୁଛନ୍ତି । ତାହା ମଧ ମାତ୍ର ଦଶ ଟଙ୍କାରେ । କେତେକ ମଧ ଦିଅନ୍ତି ନାହିଁ । ଏଣୁ ସୋହେଲା ଅଞ୍ଚଳରେ ସେ 'ଦଶଟଙ୍କିଆ ଡାକ୍ତର' ରୂପେ ଘରେ ଘରେ ପରିଚିତ । ତାଙ୍କର ଏହି ନିଃସ୍ୱାର୍ଥପର ସେବା ଓ ସମର୍ପିତ ଜୀବନ ସକାଶେ ମନ୍ତ୍ରୀ ଶ୍ରୀ ସିଂ ନିଜେ ତାଙ୍କ ଘରକୁ ଯାଇ ବିଶ୍ୱ ଡାକ୍ତର ଦିବସ ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନା ସମୟରେ ସୋହେଲା ବ୍ଲକ ଅଧକ୍ଷ ଜୀବର୍ଦ୍ଧନ ବରିହା, ନଥୁରାମ ଅଗ୍ରୱାଲ, ବଳବୀର ସିଂ ଠାକୁର, ଗଣତନ୍ତ୍ର ପ୍ରଧାନ, ଗୋବିନ୍ଦ ସାହୁ, ବ୍ୟଙ୍ଗକବି ନୀତିଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

## ସମ୍ବଲପୁରୀ ବସ୍ତ୍ରାଳୟର ହାଇଟେକ୍ ଶୋ'ରୁମ୍ ଉଦ୍‌ଘାଟିତ

ବରଗଡ଼: ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ ସମ୍ବଲପୁରୀ ବସ୍ତ୍ରାଳୟର ଏକ ହାଇଟେକ୍ ଶୋ'ରୁମକୁ ଉଦଘାଟନ କରିଛନ୍ତି । ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ବରଗଡ଼ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲ୍ଲାପାଳ ଜ୍ୟୋତିରଂଜନ ପ୍ରଧାନ, ସମ୍ବଲପୁରୀ ବସ୍ତ୍ରାଳୟ ପୂର୍ବତନ ସଭାପତି ସମ୍ମିତ କୁମାର ଆଚାର୍ଯ୍ୟ, ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ନାଗ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉଦଘାଟନୀ କାର୍ଯ୍ୟକ୍ରମକୁ ସମିତିର ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ପ୍ରଧାନ ଓ ବାଣିଜ୍ୟିକ ଅଧିକାରୀ ହେମନ୍ତ କୁମାର ମିଶ୍ର ପରିଚାଳନା ଓ ସଂଯୋଜନା କରିଥିଲେ ।




## ଜାଗ୍ରତ ରେଳ କର୍ମଚାରୀ ପୁରସ୍କୃତ



ସମ୍ବଲପୁର: ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ୪ ଜଣ ଜାଗ୍ରତ ରେଳ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଛି । ସେମାନଙ୍କର କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ଯୋଗୁଁ ରେଳ ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର ତାଙ୍କୁ ପ୍ରମାଣ ପତ୍ର ସହ ନଗଦ ରାଶିଦେଇ ସମ୍ମାନିତ କରିଥିଲେ । ଏଥିରେ ମେକାନିକାଲ ବିଭାଗର କାର୍ଯ୍ୟରତ ଜୁନିୟର ଇଞ୍ଜିନିୟର ସୁମନ୍ତ ନାଏକ, ଟେକ୍ନିସିଆନ-୧ ରାଣା ପାଳ, ଇଞ୍ଜିନିୟରିଂ ବିଭାଗ ଟ୍ରାକ ମ୍ୟାନେଜର -୩ ବଲାଙ୍ଗିରରେ କାର୍ଯ୍ୟରତ ଗୋପାଳ ଛତ୍ରିଆ ଓ ଟ୍ରାକ ମ୍ୟାଣ୍ଟେନର -୩ ଗେଟକିପର ଦେଓଗାଁ ରୋଡ଼ରେ କାର୍ଯ୍ୟରତ ଅନୁଣା ବାଗଙ୍କୁ ପୁରସ୍କୃତ କରାଯାଇଛି । ଏହି ପୁରସ୍କାର ପ୍ରଦାନ ସମୟରେ ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ପୀତବାସ ପଣ୍ଡା, ବରିଷ୍ଠ ମଣ୍ଡଳ ସମନ୍ୱୟ ଯନ୍ତ୍ରୀ ଜୟନ୍ତ କୁମାର ଖମାରୀ, ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ଯନ୍ତ୍ରୀ ସଞ୍ଜୟ କୁମାର ଉପସ୍ଥିତ ଥିଲେ ।

## କୃଷ୍ଣକେଶବ ଷଡ଼ଙ୍ଗୀଙ୍କ ପୁସ୍ତକ ଉପରେ ପି.ଏଚ.ଡି

ଭୁବନେଶ୍ୱର : ବିଶିଷ୍ଟ ବାଗ୍ମୀ ତଥା ଗବେଷକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀଙ୍କ ରଚିତ ନୀଳାଦ୍ରି ଚମ୍ପୁଃ ଆଧାରରେ ସନ୍ଦର୍ଭ ଦାଖଲ କରି ଶ୍ରୀ ନୀଳମାଧବ ପ୍ରଧାନ ନୂଆଁଦିଲ୍ଲୀର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ପି.ଏଚ.ଡି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଗତ ୨୦୦୪ ମସିହାରେ ଡାକ୍ତର ଷଡ଼ଙ୍ଗୀ ଶ୍ରୀକ୍ଷେତ୍ର, ଶ୍ରୀ ଜଗନ୍ନାଥ ଏବଂ ରଥ ଯାତ୍ରା ଉପରେ ସଂସ୍କୃତ ଭାଷାରେ ନୀଳାଦ୍ରି ଚମ୍ପୁଃ ପୁସ୍ତକ ରଚନା କରିଥିଲେ । ଏହି ପୁସ୍ତକ ଉପରେ ଦୁଇଜଣ ଗବେଷକ ମଧ ଏମ୍.ଫିଲ କରି ସାରିଛନ୍ତି ।




## ବନ ମହୋତ୍ସବର ଶୁଭାରମ୍ଭ କଲେ ସାଂସଦ

ଜମନକିରା : ଜମନକିରା ବନାଞ୍ଚଳ ପକ୍ଷରୁ ଜମନକିରା ବ୍ଲକରେ ବନ ମହୋତ୍ସବ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ଫାଶିମାଲ ସେକ୍ସନ ଅଧିନସ୍ଥ କସଡା,



ବଡଲଙ୍ଗାବାହାଲ ଓ କନ୍ଦେଇମାଲ ଗ୍ରାମରେ କାର୍ଯ୍ୟରତ କେବିକେ ବନ ସୁରକ୍ଷା ସମିତି ପକ୍ଷରୁ ଲଙ୍ଗାବାହାଲ ଛକରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ବଲପୁର ଲୋକସଭା ସାଂସଦ ନିତିଶ ଗଙ୍ଗଦେବ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ରବିନାରାୟଣ ନାଏକ,ବୃନ୍ଦାବନ ମାଝୀ, ଏସଇଏଫ ସରବେନ୍ଦର ସିଂ,ଜମନକିରା ରେଞ୍ଜର ଲକ୍ଷ୍ମୀନାରାୟଣ ନାଏକ, ଜମନକିରା ଥାନା ଅଧିକାରୀ ପ୍ରେମଜିତ ଦାଶ ଓ ଚାଷୀନେତା କୁଶଧ୍ୱଜ ଚୌଧୁରୀ ଯୋଗଦେଇଥିଲେ । ପ୍ରାୟ ୧ହଜାରରୁ ଉର୍ଦ୍ଧ ବିଭିନ୍ନ ଚାରା ରୋପଣ କରାଯାଇଥିବା ବେଳେ ଆଗାମୀ ଦିନରେ ୧୦ହଜାର ଚାରା ରୋପଣ କରାଯିବ ବୋଲି ଜଣାପଡିଛି । ଫରେଷ୍ଟର ହେମନ୍ତ ମିଶ୍ର, ସୁନିତା ନାୟକ, ଟିକନ ଚୌଧୁରୀ, ଚନ୍ଦ୍ରଶେଖର ଭୋଇ ପ୍ରମୁଖ ବୃକ୍ଷ ରୋପଣ ତଦାରଖ କରିଥିଲେ । କେବିକେ ସଂପାଦକ ବାବୁଲି ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁବର୍ଣ୍ଣପୁରରେ ବନମହୋତ୍ସବ ପାଳିତ

ସୁବର୍ଣ୍ଣପୁର : ସୁବର୍ଣ୍ଣପୁରରେ ବନମହୋତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଯୋଗ ଦେଇଥିବା ବେଳେ ଜିଲ୍ଲାପାଳ ଅବନି ସୁନୀଲ ନରୱାଣେ, ଆରକ୍ଷୀ ଅଧିକାରୀ ସୀତାରାମ ଶତପଥି, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର



ସାମନ୍ତରାୟଙ୍କ ଅଧକ୍ଷତା ତଥା ଏସିଏଫ୍ ସୁଶୀଲ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ବୀରମହାରାଜପୁର ବନାଞ୍ଚଳ ବାଗପାଲି ବନ ସଂରକ୍ଷଣ ସମିତି ଓ ସୋନପୁର ବନାଞ୍ଚଳ କନ୍ଧପାଲି ବନସଂରକ୍ଷଣ ସମିତିକୁ ବିଜୁପଟ୍ଟନାୟକ ପୁରସ୍କାର ଦିଆଯାଇଥିଲା । ସମସ୍ତ ଅତିଥି ବିଭିନ୍ନ ଚାରା ରୋପଣ କରିଥିଲେ ।

## ମହୁଲପାଲି ଥାନାରେ ରକ୍ତଦାନ ଶିବିର, ୧୫୪ ୟୁନିଟ୍ ସଂଗ୍ରହ

ସମ୍ବଲପୁର : ବାମରା ବ୍ଲକ ଅନ୍ତର୍ଗତ ମହୁଲପାଲି ଥାନାରେ ସମ୍ବଲପୁର ପୁଲିସ୍ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ୧୫୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ଥାନା ଆଇଆଇସି ଯଜ୍ଞସେନୀ ନାୟକ ନିଜେ ରକ୍ତଦାନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । କୁଚିଣ୍ଡା ଉପଖଣ୍ଡ ପୁଲିସ୍ ଅଧିକାରୀ ରାଜ କିଶୋର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କୁଚିଣ୍ଡା ଓ ବୁର୍ଲା ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ ।



## ପାଲା ଗାୟକ ଯାତ୍ରାକାର ନାଏକଙ୍କ ପରଲୋକ

ଦେବଗଡ଼: ଆଦର୍ଶ ପାଲାଗାୟକ ଯାତ୍ରାକର ନାଏକଙ୍କ ୬୯ ବର୍ଷ ବୟସରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି । ସେ ତାଙ୍କର ସ୍ତ୍ରୀ ଓ ଚାରିପୁତ୍ରଙ୍କୁ ଛାଡି ଚାଲିଯାଇଛନ୍ତି । ସ୍ୱର୍ଗତ ନାଏକ ୧୯୬୮ ମସିହାରେ ପଞ୍ଚାୟତ ହାଇସ୍କୁଲ ବୁଢ଼ାପାଳରେ ଏକାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେପାଲା ପରିବେଷଣକୁ ଆପଣେଇ ନେଇଥିଲେ । କୁଣ୍ଡେଇଗୋଳା, ଛେଣ୍ଡିପଦା, କଣିହାଁ, ପାଲଲହଡା, ବାରକୋଟ ଓ ରେଙ୍ଗାଳୀ ଅଞ୍ଚଳରେ ଜଣେ ଦକ୍ଷ ପାଲାଗାୟକ ହିସାବରେ ସେ ଜନପ୍ରିୟ ହୋଇ ପାରିଥିଲେ ।



ତାଙ୍କର ବିୟୋଗରେ ଖବର ପାଇ ପଳସମା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଶୀଲ ପଦିଲ ସମେତ ପରା ଗ୍ରାମ ପଞ୍ଚାୟତର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ । ପରାଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସଂପନ୍ନ କରାଯାଇଥିଲା । ସାନପୁତ୍ର ନୀଳମଣି ମୁଖାଗ୍ନି ଦେଇଥିଲେ । ବଡ଼ପୁତ୍ର ଜୟନ୍ତ ରିଆମାଳ କୋର୍ଟରେ ଓକିଲ ଓ ଦ୍ୱିତୀୟ ପୁତ୍ର ସୁଶାନ୍ତ ଏମସିଏଲରେ ଏବଂ ତୃତୀୟ ପୁତ୍ର ଭାଗ୍ୟ ଗାଡି ମିସ୍ତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି । ସ୍ୱର୍ଗତ ନାଏକ ସି.ଆଇ.ଡି କ୍ରାଇମବ୍ରାଞ୍ଚ ସବ୍ ଇନ୍ସପେକ୍ଟର ତପନ ଓ ଓଡ଼ିଶା ଓଡ଼ିଆ ନ୍ୟୁଜର ପ୍ରତିନିଧି ତରୁଣଙ୍କ ବଡ଼ବାପା ଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra